# Women's Bible Study Seminar

Study on the books Genesis

(Inductive Study Method)

*ସଦାପ୍ରଭୁଙ୍କୁ ଜ୍ଞାତ ହେବା ପାଇଁ ତାହାଙ୍କ ପଶ୍ଚାଦ୍‌ଗମନ କରୁ,*

*ତାହାଙ୍କର ଉଦୟ ଅରୁଣୋଦୟ ତୁଲ୍ୟ ନିଶ୍ଚିତ,*

*... ଭୂମି ସେଚନକାରୀ ଶେଷ ବୃଷ୍ଟି ତୁଲ୍ୟ ଆସିବେ ।*

*ହୋଶେୟ ୬:୩*

ବାଇବଲ ପାଠ୍ୟ ଉପକରଣ

# ବାଇବଲ ଶିକ୍ଷାର ନିୟମାବଳୀ

---

## ଉଦ୍ଦେଶ୍ୟ

ଏହା ଆମେ ପ୍ରାର୍ଥନା ପୂର୍ବକ ଦେଖିବାକୁ ଚାହୁଁ କି ପ୍ରତ୍ୟେକ ଯୋଗଦାନକାରୀ ପ୍ରଭୁଙ୍କବାକ୍ୟରେ ପ୍ରତି ସପ୍ତାହ ନିର୍ଦ୍ଧାରିତ ସମୟ ବ୍ୟତିତ କରନ୍ତୁ ଯଦ୍ୱାରା ସେମାନେ ଆପଣା ସୃଷ୍ଟିକର୍ତା ପରମେଶ୍ୱରଙ୍କୁ ଜାଣିବେ ଓ ତାଙ୍କ ସହିତ ଗମନ କରିବେ ।

## ଗୁରୁତ୍ୱ (ମୂଲ୍ୟ)

- ଜୀବନର ପ୍ରଶ୍ନଗୁଡିକରେ ଈଶ୍ୱରଙ୍କବାକ୍ୟ ଉପରେ ଆମର ମୂଳଦୁଆ ରଖିବା ।
- ନର ଓ ନାରୀମାନଙ୍କୁ ଈଶ୍ୱରଙ୍କ ପ୍ରେମକୁ ବୁଝିବାରେ ଉତ୍ସାହିତ କରିବା ଓ ପ୍ରତି ସପ୍ତାହ ଯୀଶୁଙ୍କୁ ସେମାନଙ୍କ ମଧ୍ୟରେ ପ୍ରତିଫଳିତ କରାଇବା ।
- ପିତା ଆପଣା ନିକଟକୁ ଆତ୍ମମାନଙ୍କୁ ଆକର୍ଷଣ କଲାପରି ପରମେଶ୍ୱରଙ୍କ ବାକ୍ୟ ଧ୍ୟାନ କରିବା ପାଇଁ ଇଚ୍ଛା ଉଦ୍ରେକ କରାଇବା ।
- ସପ୍ତାହିତ ଶ୍ରେଣୀ ସେବାକାର୍ଯ୍ୟ ପାଇଁ ଈଶ୍ୱରଙ୍କଠାରେ ପୂର୍ଣ୍ଣ ନିର୍ଭରତା ସକାଶେ ପ୍ରାର୍ଥନାଶୀଳ ହେବା ।
- ଈଶ୍ୱରଙ୍କ ବାକ୍ୟର ଅଧ୍ୟୟନ ଦେଇ ସତ୍ୟକୁ ପ୍ରକାଶ କରିବା ପାଇଁ ଭିନ୍ନ ଭିନ୍ନ ବିଶ୍ୱାସମତ ବ୍ୟକ୍ତିମାନଙ୍କୁ ଏକତ୍ରିତ ହେବାକୁ ଆମନ୍ତ୍ରଣ କରିବା ।
- ପ୍ରେମରେ ଓ ଦାସତ୍ୱ ରୂପରେ ଐକ୍ୟତାର ଉଦ୍ଦେଶ୍ୟକୁ ପ୍ରତିଫଳିତ କରିବା ।
- ପ୍ରତ୍ୟେକ ନେତାଙ୍କୁ ପ୍ରଭୁ ଯେଉଁ କାର୍ଯ୍ୟ ପାଇଁ ସେମାନଙ୍କୁ ଆହ୍ୱାନ କରିଛନ୍ତି ସେଥିପାଇଁ କୁଶଳୀ ଓ ଯୋଗ୍ୟ କରାଇବା ।

## ଲକ୍ଷ୍ୟ

- ସମସ୍ତ ସଭ୍ୟ ନିରନ୍ତର ପ୍ରଭୁଙ୍କ ସହିତ ନିୟୋଜିତ ରହୁଥିବା ଦେଖିବା । (ପ୍ରଶ୍ନ ସବୁର ଉତ୍ତର ଦେଇ)
- ଦୈନନ୍ଦିନ ଜୀବନରେ ବାଇବଲ ସହ ଜଡିତ ରହିବା କ୍ଷମତାରେ ବୃଦ୍ଧିହେବା ।
- ନିରନ୍ତର ଅନ୍ୟମାନଙ୍କ ପାଇଁ ପ୍ରାର୍ଥନା କରିବା ।
- ସତର୍କତା ପାଇଁ ଈଶ୍ୱରଙ୍କ ବାକ୍ୟ ପ୍ରତି ଫେରିବାର ସ୍ପୃହା ବଢିବା ।
- ଆଲୋଚନା ପାଇଁ ସମସ୍ତ ସଭ୍ୟ ମିଳିତ ହେବାପାଇଁ ଉତ୍ସାହିତ କରିବା ।
- ପ୍ରଭୁ ଯାହା ସବୁ କରିଛନ୍ତି ଓ କରୁଛନ୍ତି ଅନ୍ୟମାନଙ୍କ ଆଗରେ ଜଣାଇବାକୁ ଇଚ୍ଛା ବା ଆଗ୍ରହୀ ହେବା ।
- ଈଶ୍ୱରଙ୍କ ପ୍ରେମକୁ ପ୍ରସାର କରିବା ପାଇଁ ସୁଯୋଗର ଅନ୍ୱେଷଣ କରିବା ।

## ଉପସ୍ଥାପନା

ଆଜି ଲୋକମାନେ ଜୀବନର ସବୁଠାରୁ କଠିନତମ ପ୍ରଶ୍ନର ଉତର ସର୍ବାପେକ୍ଷା ଅନ୍ୱେଷଣ କରିବାରେ ଲାଗିଛନ୍ତି, ଉତ୍ତର ଯାହା ବିଜ୍ଞାନ ମଧ କରିନପାରେ । ଲୋକମାନେ ଜାଣିବାକୁ ଚାହାଁନ୍ତି ଆମ୍ଭେମାନେ ଏଠାକୁ କିପରି ଆସିଲୁ, ଆମ୍ଭମାନଙ୍କ ଉଦ୍ଦେଶ୍ୟ କଣ, ବିଶ୍ୱମଣ୍ଡଳ କିପରି ଗତିଶୀଳ ହୋଇଚାଲିଛି । ଏହି ସମସ୍ତ ଓ ଆହୁରି ଅନେକ ପ୍ରଶ୍ନ ଗୁଡିକର ଉତ୍ତର ବାଇବଲ ପ୍ରଶ୍ନଗୁଡିର ମଧରେ ରହିଛି ।  ଏହା ଏକ ଅତୁଳନୀୟ ପୁସ୍ତକ ଯାହା ଆମ୍ଭମାନଙ୍କଠାରେ ନୁହେଁ ବରଂ ଆମ୍ଭମାନଙ୍କର ଜଗତର ସୃଷ୍ଟିକର୍ତାଙ୍କଠାରେ ଦୃଢ ଭରସା ପ୍ରଦାନ କରିଥାଏ ।

ଆଦିପୁସ୍ତକ ପରମେଶ୍ୱରଙ୍କ ଉପସ୍ତିତିକୁ ବିତର୍କ ଆଣେ ନାହିଁ କାରଣ ପ୍ରାରମ୍ଭରୁ ତାହାଙ୍କ ସ୍ଥିତି ଓ ସାମର୍ଥ୍ୟକୁ ନିସନ୍ଦେହ ପ୍ରଦାନ କରେ । ପ୍ରଥମ ଅଧାୟରୁ ହିଁ ଆମେ ସୃଷ୍ଟିର ଆଶ୍ଚର୍ଯ୍ୟ କ୍ରିୟାର ସାକ୍ଷ୍ୟ ଦେଖୁ । ରୋମୀୟ ୧:୨୦ ଅନୁସାରେ ଏହା ହେଉଛି ସେହି ଆଶ୍ଚର୍ଯ୍ୟ ଯାହା ତାଙ୍କ ଉପସ୍ଥିତିକୁ ଆମକୁ ପ୍ରମାଣ ଦିଏ । “ଜଗତର ସୃଷ୍ଟିକାଳାବଧି ତାହାଙ୍କର ଅଦୃଶ୍ୟ ଗୁଣ ସମୂହ ଅର୍ଥାତ୍ ତାହାଙ୍କର ଅନାଦି ଅନନ୍ତ ଶକ୍ତି ଓ ଈଶ୍ୱରତ୍ୱ ସୃଷ୍ଟ ବସ୍ତୁଗୁଡିକ ଦ୍ୱାରା ବୋଧଗମ୍ୟ ହୋଇ ସ୍ୱଷ୍ଟ ରୂପେ ପ୍ରତୀୟମାନ ହେଉଅଛି, ଯେପରି ସେମାନଙ୍କର ଉତ୍ତର ଦେବାର ବାଟ ନଥାଏ । ଏବଂ ତାଙ୍କର ପୃଥିବୀର ସମସ୍ତ ସୃଷ୍ଟିରେ ଏହି ମନୁଷ୍ୟ ଯାହାକୁ ଈଶ୍ୱର ଆପଣା ପ୍ରତିମୂର୍ତିରେ ସୃଷ୍ଟିକଲେ ସେ ବିଦ୍ରୋହାଚାରୀ । ଅଧାୟ ୩ ମନୁଷ୍ୟର ଦୁଷ୍ଟତା ଏବଂ ମହାଜଳ ପ୍ଲାବନରେ ଈଶ୍ୱରଙ୍କ ଦୟାଜନିତ ବିଚାର ବିଷୟ ପାଠ କରୁ । ୧୧ ଅଧାୟରେ ପୁନଶ୍ଚ ପାଠକରୁ ମନୁଷ୍ୟର ବିଦ୍ରୋହାଚରଣ ଓ ବାବିଲ ସ୍ତମ୍ଭରେ ଈଶ୍ୱରଙ୍କ ଦୟାପୂର୍ଣ୍ଣ ବିଚାର ୧୨ ଅଧାୟ ଆମେ ପ୍ରତିଜ୍ଞାସହ ଶେଷକରୁ । ଏହିଠାରେ ଆମେ ଈଶ୍ୱରଙ୍କ ପରିତ୍ରାଣ ଯୋଜନାକୁ ଓ ସେହି ବ୍ୟକ୍ତିଙ୍କୁ ଯାହାକୁ ପ୍ରଭୁ ତାଙ୍କର ଅନୁଗ୍ରହର ଅସ୍ୱରୂପେ ଅବ୍ରହମ ଯେ ବିଶ୍ୱାସୀମାନଙ୍କର ପିତାଙ୍କୁ ଉପସ୍ଥାପନା କଲୁ (ଗାଲା ୩:୨୯)

### ଲେଖକ

ପୁରାତନ ଓ ନୂତନ ନିୟମ ଶାସ୍ତ୍ରାନୁସାରେ ବାଇବଲର ପ୍ରଥମ ପାଠ ପୁସ୍ତକ ମୋଶା ଲେଖନ୍ତି (ଯିହୋଶୂୟ ୮:୩୧, ଏଜ୍ରା ୭:୬; ଦାନିଏଲ ୯:୧୩, ପ୍ରେରିତ ୩:୨୨, ରୋମୀୟ ୧୦:୫) ଯୀଶୁ ମୋଶାଙ୍କ ଲେଖାକୁ ଉଲ୍ଲେଖ କରନ୍ତି ଯୋହନ ୫:୪୫, ୪. ଓ ମାର୍କ ୧:୪୪ ରେ । ଏହି ପାଠ ପୁସ୍ତକକୁ ମିଳିତ ଭାବେ ପେ□ଟ୍ୟୁକ୍ ବୋଲି କୁହାଯାଏ । ଯିହୁଦୀମାନେ ଏହାକୁ ଏକ ମିଳିତ କାର୍ଯ୍ୟ ବୋଲି ଭାବୁଥିଲେ, ଏହାକୁ  “ତୋରାଃ” ବା “ବ୍ୟବସ୍ଥା” ଏବଂ କେବେକେବେ “ମୋଶାଙ୍କ ବ୍ୟବସ୍ଥା” ବୋଲି ଡାକୁଥିଲେ । ଏହା ଏକ..... ଭାବରେ ବିଭକ୍ତ ହେଲା ନିଶ୍ଚିତ ସମୟ ଧାର୍ଯ୍ୟ ନାହିଁ ।

### ସମୟ (କାଳ)

ମୋଶାଙ୍କ ଜନ୍ମ ସମ୍ଭବତଃ ୧୫୨୫ ଖ୍ରୀ:ପୂ ହୋଇଥିଲା ଏବଂ ୧୨୦ ବର୍ଷ ପରେ ମୃତ୍ୟୁ  ହୋଇଥିଲା । ଆଦିପୁସ୍ତକ ସୃଷ୍ଟି ସହ ଉନ୍ମୁକ୍ତ ହୁଏ ଓ ଯୋଷେଫ ଯେଉଁ ପରିବାର ଦେଇ ପ୍ରତିଜ୍ଞାତ ଉଦ୍ଧାର କର୍ତାଙ୍କ ଆଗମନ ସହ ଶେଷ ହୁଏ । ଏହି ପୁସ୍ତକ

ବାଇବଲର ଅନ୍ୟ ୬୫ ପୁସ୍ତକ ମିଳିତ ସମୟଠାରୁ ଅଧିକ ସମୟ ନେଇଛି । ଭାବବାଦୀମାନଙ୍କ ପରି ଯାହା ଘଟିବାକୁ ଯାଉଥିଲା ତାହା କହୁଥିଲେ । ୨ୟ ପିତର ଅନୁସାରେ ମୋଶା ଯାହା ଲେଖୁଥିଲେ ପରମେଶ୍ୱରଙ୍କ ଆତ୍ମା ତାଙ୍କୁ ପରିଚାଳନା କରୁଥିଲେ ।

**ବିଷୟବସ୍ତୁ**

ଆଦିପୁସ୍ତକ, ବିଶ୍ୱମଣ୍ଡଳ ପରମେଶ୍ୱରଙ୍କ ମହିମା ବିଷୟବସ୍ତୁ ଏବଂ ମାନବଜାତି, ପାପ ଓ ପରିତ୍ରାଣ କାର୍ଯ୍ୟର କାହାଣୀ ଧାରା ଅଟେ । ଏହି ପୁସ୍ତକରେ ଅନେକ ପ୍ରଥମ ବୋଲି କହେ, ଆମେ ପ୍ରଥମ ବିବାହ, ପ୍ରଥମ ପରିବାର, ଈଶ୍ୱରଙ୍କ ବିରୁଦ୍ଧରେ ପ୍ରଥମ ବିଦ୍ରୋହ ଏବଂ ପାପର ଭୟାବହ ପରିଣାମ ବିଷୟ ପଢୁ । ଆମେ ବିଭସ୍ ପରିବାର ଦେଖୁ, ଯେଉଁ ପରିବାର ଉପଯୁକ୍ତ ପରିବେଶ ସୃଷ୍ଟି କରିବାରେ ବିଫଳ ହୋଇଯାଏ । ଆମେ ପ୍ରଥମ ନରହତ୍ୟା ସାକ୍ଷ୍ୟ ଏବଂ ଏକ ସଭ୍ୟତା  ଯାହା ଈଶ୍ୱରଙ୍କ ପରିଚାଳନା ବିନା କାର୍ଯ୍ୟ କରିବା ଦେଖୁ । ସେହି ଲୋକମାନଙ୍କ ମଧ୍ୟରୁ ଏବ୍ରୀୟ ଜାତି, ସମସ୍ତ ଜାତିମାନଙ୍କ ପାଇଁ ଈଶ୍ୱର ଉଦ୍ଧାର ଯୋଜନାକୁ ଆଣନ୍ତି । ସେ ତାଙ୍କର ପ୍ରତିଜ୍ଞାତ ଲୋକମାନଙ୍କ ଦେଇ ପରିତ୍ରାଣ କର୍ତ୍ତାଙ୍କୁ ଏହି ଜଗତକୁ ପଠାନ୍ତି । ପିତର ୨:୯ କହେ, ଦଳେ ଲୋକଙ୍କୁ ସେ ବାଛିଲେ, "ଏକ ମନୋନୀତ ବଂଶ, ଏକ ରାଜକୀୟ ଯାଜକବର୍ଗ, ଏକ ପବିତ୍ର ଜାତି ପୁଣି ଈଶ୍ୱରଙ୍କ ନିଜ ପ୍ରଜା ଯେପରି ତାହାଙ୍କ ଗୁଣ କୀର୍ତ୍ତନ କର ଯେ ତୁମ୍ଭମାନଙ୍କୁ ଆପଣା ଆଶ୍ଚର୍ଯ୍ୟ ଆଲୋକ ମଧ୍ୟକୁ ଆହ୍ୱାନ କରିଅଛନ୍ତି"।

ଯେତେବେଳେ ସମ୍ପୂର୍ଣ୍ଣ ଧର୍ମଶାସ୍ତ୍ର ପରମେଶ୍ୱରଙ୍କ ଗୌରବର ମୁଖ୍ୟବିଷୟ ହୋଇଛି, ପ୍ରଥମ ୧୨ ଅଧ୍ୟାୟ ଦୁଇଟି କାହାଣୀଧାରା ପ୍ରକାଶ କରୁଛି । ପ୍ରଥମତଃ ମନୁଷ୍ୟଜାତି ପରିବର୍ତ୍ତନ ହୋଇନାହିଁ । ଆମେ ସମସ୍ତେ ଏକପ୍ରକାର ଆହ୍ୱାନ, ପାପ ସହ ସଂଗ୍ରାମ, ଏବଂ ବାଇବଲ ମଧ୍ୟରେ ଲିଖିତ ଥିବା ସେହିସବୁ କାହାଣୀ ଗୁଡିକ ଉପରେ ସମାନ ପ୍ରଶ୍ନ ପଚାରିଥାଉ ଏବଂ ଦ୍ୱିତୀୟତଃ, ଈଶ୍ୱରଙ୍କ ସହ ମନୁଷ୍ୟ ଜଡିତ ଥିବା କାହାଣୀ ପାଠ କରୁ ପରମେଶ୍ୱର ପ୍ରକୃତ ଓ ବ୍ୟକ୍ତିଗତ ବୋଲି ପ୍ରଦର୍ଶିତ କରେ, ଯାହା ଆମ ଜୀବନ ମୁଲ୍ୟବୋଧ ପାଏ ଓ ମନୁଷ୍ୟ ନିତ୍ୟାନ୍ତ ତାହାର ସୃଷ୍ଟିକର୍ତ୍ତାଙ୍କ ସହ ସମ୍ପର୍କ ଆବଶ୍ୟକ କରେ । ମନୁଷ୍ୟ ତାହାଙ୍କ ବିନା ସମ୍ପୂର୍ଣ୍ଣ ହୋଇ ନ ପାରେ । ମନୁଷ୍ୟ ତାହାର ସୃଷ୍ଟିକର୍ତ୍ତାଙ୍କ ସହ ବ୍ୟକ୍ତିଗତ ଓ ନିଗୁଢ ସମ୍ପର୍କ ବିନା ତାହା ଜୀବନର ପ୍ରକୃତ ମୂଲ୍ୟକୁ ଖୋଜିପାଇ ପାରିବ ନାହିଁ କି ପୂର୍ଣ୍ଣ ହୋଇପାରିବ ନାହିଁ ।

## ପାଠ ଏକ

ବିଷୟବାକ୍ୟ : ପରମେଶ୍ୱର ସୃଷ୍ଟି କର୍ତା ଭାବେ ନିଜେ ପ୍ରତିଫଳିତ ହୁଅନ୍ତି । ତାହାଙ୍କ ସୃଷ୍ଟିକୁ ନିୟନ୍ତ୍ରଣ କରି ରଖିବା ତାହାଙ୍କର ଅଧିକାର ଏବଂ ସେ ତାହାଙ୍କ ସୃଷ୍ଟିଠାରୁ ସମସ୍ତ ପ୍ରଶଂସା ପାଇବା ଯୋଗ୍ୟ ।

ଦିନାକ ୧

ଆଦି ପୁସ୍ତକ ୧:୧-୫ ପାଠକର ।

୧. ଆଦିରୁ କିଏ ଥିଲେ ?
୨. 'ଆଦ୍ୟରେ' ପରମେଶ୍ୱର କଣ ସୃଷ୍ଟି କଲେ ?
୩. ଆମେ ପରମେଶ୍ୱରଙ୍କ ବିଷୟରେ କଣ ଶିକ୍ଷା କରୁ ଯାହାଙ୍କ ବାକ୍ୟ ଗୁଡିକ ସ୍ଥିତି ହେବାର କାରଣ ହେଲା ?
୪. ଯୋହନ ୧:୧, ୧୪ ଇଶ୍ୱରଙ୍କ ବାକ୍ୟ ବିଷୟରେ କଣ କୁହେ ?

ଦିନାକ ୨

ଆଦି ପୁସ୍ତକ ୧:୧-୯, ପାଠକର

୧. ପ୍ରଥମ ଦିନରେ କଣ ଘଟିଲା ବର୍ଣ୍ଣନା କର ।
୨. ପରମେଶ୍ୱର ଯେ, ସମୟର ସୃଷ୍ଟି କଲେ ଏହା ଜାଣିବା ଏତେ ଗୁରୁତ୍ୱ କାହିଁକି ?
୩. ଦ୍ୱିତୀୟ ଦିବସରେ କଣ ଘଟିଲା ?

ଦିନାକ ୩

ଆଦି ପୁସ୍ତକ ୧:୧୦-୧୯ ପାଠକର

୧. ତୃତୀୟ ଦିବସରେ କଣ ଘଟିଲା ବର୍ଣ୍ଣନା କର ।
୨. ଚତୁର୍ଥ ଦିବସରେ କଣ ଘଟିଲା ବର୍ଣ୍ଣନା କର ।
୩. ପରମେଶ୍ୱର ଯାହା ସୃଷ୍ଟି କଲେ ତାହାକୁ ସେ କିପରି ବର୍ଣ୍ଣନା କଲେ ?

ଦିନାକ ୪

ଆଦି ପୁସ୍ତକ ୧:୨୦-୨୫ ପାଠକର

୧. ପରମେଶ୍ୱର ୫ମ ଦିନରେ କଣ କଲେ ?

ପରମେଶ୍ୱର ଯାହା ସୃଷ୍ଟିକଲେ ତାକୁ ଆର୍ଶିବାଦ କଲେ ଓ ଏକ ଆଜ୍ଞା ଦେଲେ । ତାହା କଣ ଥିଲା ?

୨. ପଦ ୨୪-୨୫ ରେ ପରମେଶ୍ୱର କଣ ସୃଷ୍ଟି କଲେ ?

୩. ପରମେଶ୍ୱର ଯାହା ସୃଷ୍ଟି କଲେ ତାକୁ କିପରି ବର୍ଣ୍ଣନା କଲେ ?

ଦିନାକ ୫

ଆଦିପୁସ୍ତକ : ୧:୨୬-୩୧, ପାଠକର

୧. ପରମେଶ୍ୱର ଷଷ୍ଠ ଦିନରେ କଣ ସୃଷ୍ଟି କଲେ ?

୨. ୨୬ ପଦ ଅନୁସାରେ ପରମେଶ୍ୱର ଚିନ୍ତା କଲେ ମନୁଷ୍ୟକୁ" ଆପଣା ପ୍ରତିମୂର୍ତ୍ତିରେ" ନିର୍ମାଣ କରୁ, ଏହାର ମାନେ କଣ ?

୩. ମନୁଷ୍ୟ ସ୍ଥିତି ହେବାକୁ ପରମେଶ୍ୱର ଶବ୍ଦ ଉଚାରଣ କଲେ କି ? ସେ ମନୁଷ୍ୟକୁ କିପରି ସୃଷ୍ଟି କଲେ ?

୪. ପରମେଶ୍ୱର ମନୁଷ୍ୟମଧ୍ଧକୁ ଜୀବନ କିପରି ଆଣିଲେ ?

୫. ୨୮ ପଦରେ, ପରମେଶ୍ୱର ମନୁଷ୍ୟକୁ ଆର୍ଶିବାଦ କଲେ ଓ ତାକୁ କେତେକ ନିର୍ଦ୍ଦେଶ ଦେଲେ । ସେ ସବୁ କଣ ? ପ୍ରଜାବନ୍ତ ଓ ବହୁବଂଶ ହୁଅ । ପୁଣି ପୃଥିବୀକି ପରିପୂର୍ଣ୍ଣ କରି ବଶୀଭୂତ କର ।

୬. ୩୧ ପଦରେ, ପରମେଶ୍ୱର ଯେସମସ୍ତ ସୃଷ୍ଟି କଲେ ସେ ସମସ୍ତ ପ୍ରତି ସେ କଣ କହିଲେ ?

ସାସ୍ରାଂଶ : ଅଧ୍ୟାୟ ୧

ମୁଖ୍ୟପଦ : "ଆଦ୍ୟରେ ପରମେଶ୍ୱର ସ୍ୱର୍ଗ ଓ ପୃଥିବୀର ସୃଷ୍ଟି କଲେ" ।

ବିଷୟ ବାକ୍ୟ : ପରମେଶ୍ୱର ସୃଷ୍ଟିକର୍ତା ଭାବେ ନିଜ ସୃଷ୍ଟିରେ ନିଜେ ପ୍ରତିଫଳିତ ହୁଅନ୍ତି , ତାହାଙ୍କ ସୃଷ୍ଟିକୁ ନିୟନ୍ତ୍ରଣ କରିରଖିବା ତାହାଙ୍କର
ଅଧିକାର, ଏବଂ ସେ ତାହାଙ୍କ ସୃଷ୍ଟିଠାରୁ ସମସ୍ତ ପ୍ରଶଂସା ପାଇବା ଯୋଗ୍ୟ ।

ଜୀବନର ସୂତ୍ର : ମୁଁ ପରମେଶ୍ୱରଙ୍କ ବିଷୟରେ ଯାହା ବିଶ୍ୱାସ କରେ ତାହା ମୋ ପ୍ରତି ଓ ଅନ୍ୟମାନଙ୍କ ପ୍ରତି ମୋର ଧାରଣାର ପ୍ରଭାବ ପକାଇବ ।

ସାରାଂଶ: ଆଦିପୁସ୍ତକ ପ୍ରଥମ ଅଧ୍ୟାୟ ପରମେଶ୍ୱଙ୍କ ସାର୍ବଭୌମତ୍ୱ ଦୃଢ ମୂଳଦୁଆକୁ ବସାଇ ଆରମ୍ଭ ହୁଏ । ଆଦିପୁସ୍ତକ ୧ ଅଧ୍ୟାୟ "ଆଦ୍ୟରେ ପରମେଶ୍ୱର" ଶବ୍ଦ କୋଷରେ ଆରମ୍ଭ ହୁଏ । ଆଦ୍ୟର ପୂର୍ବେ ପରମେଶ୍ୱର କେବଳ ହିଁ ବିଦ୍ୟ ଥିଲେ ଏବଂ ଅନ୍ୟ କୌଣସିଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଅଛନ୍ତି ଓ କିଛିର ଆବଶ୍ୟକ କରନ୍ତି ନାହିଁ । ସୃଷ୍ଟିର କାର୍ଯ୍ୟକୁ ଏହି ସତ୍ୟ ହିଁ ସହାୟକ ହୋଇଛି । ପରମେଶ୍ୱର ସକଳ ବିଶ୍ୱର ଆଧାର ଅଟନ୍ତି । ଯିରିମୟ ୫୧ :୧୫ କହେ ସେ ଆପଣା ପରାକ୍ରମରେ ପୃଥିବୀ ନିର୍ମାଣ କରିଅଛନ୍ତି , ସେ ଆପଣା ଜ୍ଞାନରେ ଜଗତର ସକଳ ସୃଷ୍ଟି କରିଅଛନ୍ତି ତାହାଙ୍କଠାରେ କେବଳ ସକଳ ପୂର୍ଣ୍ଣତା । (ଯୋହନ ୧୫:୫, ଏଫିସୀୟ ୨:୧୦ ଓ ପ୍ରକାଶିତ ୪:୧୧) ଆମେ ଯାହା ଅଟୁ ଓ ଯାହାକରୁ ସେ ସବୁର କେବଳ ସେ ଆଦ୍ୟ ଓ ଶେଷ । ଜୀବନର ପୂର୍ଣ୍ଣତା ପାଇଁ ପରମେଶ୍ୱର ହିଁ ନିରାଟ ଆବଶ୍ୟକ । ପରମେଶ୍ୱରଙ୍କ ବିନା ଆମ ଚତୁଃପାର୍ଶ୍ୱ ଆମ ନିଜକୁ , ଆମ ଚର୍ତୁପାର୍ଶ୍ୱ ଆମ ନିଜକୁ, ଆମ ଚତୁପାର୍ଶ ବିଷୟକୁ ବା ସ୍ୱୟଂ ପରମେଶ୍ୱରଙ୍କୁ ଆମେ ବୁଝିନପାରୁ । ପରମେଶ୍ୱରଙ୍କ ବିନା ଆମଠାରେ ଉ□ର ନାହିଁ । ତଥାପି, ପ୍ରାରମ୍ଭରେ ପରମେଶ୍ୱରଙ୍କ ବିନା ଆମେ ସ୍ୱେଚ୍ଛାକୃତ ଭାବେ ଯାହା ଯୋଜନା ସବୁ ବାଛୁ, ବ୍ୟକ୍ତିତ୍ୱ, ବଂଧୁତ୍ୱ, ପରିବାର, ବା ସମୟ ଆମ ଜୀବନ ଅନନ୍ତକାଳ ପାଇଁ ଉଦ୍ଦେଶ୍ୟ ବିହୀନ, ଫଳହୀନ ଓ ବେକାର ହୋଇଯାଇଥାଏ ।

ଆଦ୍ୟରେ ପରମେଶ୍ୱର, ସୃଷ୍ଟି କଲେ । ପରମେଶ୍ୱରଙ୍କ ସୃଷ୍ଟିରେ ସମୟରେ ଆରମ୍ଭ ହେଲା । ଆଦିପୁସ୍ତକ ୧:୧ ରେ ସୃଷ୍ଟି (ବାରା) ଶବ୍ଦକୁ ଆକାଶ ମଣ୍ଡଳ ଓ ପୃଥିବୀକୁ, ଆଦିପୁସ୍ତକ ୧:୨୧, ଜୀବ ଜଗତ ସୃଷ୍ଟିକୁ ଓ ଆଦିପୁସ୍ତକ ୧:୨୭, ମାନବକୁ ସୃଷ୍ଟି କରିବାରେ ବ୍ୟବହାର କଲେ । ଶୂନ୍ୟତାରୁ ହିଁ ପରମେଶ୍ୱର ବିଶ୍ୱର ସୃଷ୍ଟି କଲେ । ଆମେ ଏହି ଶବ୍ଦ ଶ୍ରେଣୀକୁ ପାଠକରୁ ଆଦିପୁସ୍ତକ ୧: ଅଧ୍ୟାୟରେ ତାହା ୧୦ ଥର ପାଉ "ଅନନ୍ତର ପରମେଶ୍ୱର କହିଲେ, ହେଉ.. ଏବଂ ତାହା ସ୍ଥିତି ହେଲା"। ପରମେଶ୍ୱରଙ୍କ ବାକ୍ୟ ଉଚ୍ଚାରଣ ଓ ସୃଷ୍ଟିର ସୃଷ୍ଟି ମଧ୍ୟରେ ସମ୍ପର୍କ ଅତି ଗୁରୁତ୍ୱ ପୂର୍ଣ୍ଣ ଅଟେ । ଗୀତ ୩୩:୬ , ଘୋଷଣା କରେ । ସଦାପ୍ରଭୁଙ୍କ ବାକ୍ୟ ଦ୍ୱାରା ଗଗନମଣ୍ଡଳ ନିର୍ମିତ ଏବଂ ଏବ୍ରି ୧୧:୩, ଆମେ ପାଠ କରୁ "ବିଶ୍ୱାସ ଦ୍ୱାରା ଆମ୍ଭେମାନେ ବୁଝୁ ଯେ, ସମସ୍ତ ବିଶ୍ୱ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ରଚିତ" । ପରମେଶ୍ୱର ତାହାଙ୍କ "ବାକ୍ୟ" ଯୀଶୁ ପ୍ରଭୁ ବିନା କେହି ନୁହଁନ୍ତି । ଯୋହନ ୧:୧, ଦେଖନ୍ତୁ, "ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଦ୍ୱାରା ସୃଷ୍ଟି କଲେ ଓ ବାକ୍ୟ ଦ୍ୱାରା ସମସ୍ତ ଜଗତ ସୃଷ୍ଟି କଲେ, ସେହି ବାକ୍ୟ ଯୀଶୁ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ" । ଯୋହନ ୧:୧୪ କହେ "ଆଉ ସେହି ବାକ୍ୟ ଦେହବନ୍ତ ହେଲେ ଓ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ ।" ଏହା ଏକ ସୁନ୍ଦର ସତ୍ୟ ଜାଣୁ ଯେ

ସେହିବାକ୍ୟ ଯଦ୍ୱାରା ସକଳ ବିଶ୍ୱ ସୃଷ୍ଟିକଲେ ତାହା ଆଜି ଯେତେବେଳେ ବିଶ୍ୱାସରେ ଧର୍ମଶାସ୍ତ୍ରକୁ ପାଠକରୁ ଆମ ଜୀବନରେ କାର୍ଯ୍ୟ କରେ (ଏବ୍ରି ୪:୧୨)

## ଆଦିପୁସ୍ତକ : ପ୍ରାରମ୍ଭ ଏକ ଅଧ୍ୟୟନ

---

### ପାଠ ଦୁଇ

ବିଷୟବାକ୍ୟ : ଆଦମ ଓ ହବା ପରୀକ୍ଷାରେ ପଡିଗଲେ ଓ ପାପର ପରିଣାମ ଭୋଗିଲେ କିନ୍ତୁ ପରମେଶ୍ୱର ଉଦ୍ଧାରର ବଂଶଜ ପ୍ରତିଜ୍ଞା କଲେ ।

ଦିନାକ ୧

ଆଦି ପୁସ୍ତକ ୨:୪:୧୭, ପାଠକର

୧. ପ୍ରଥମ ମନୁଷ୍ୟ ପାଇଁ ପ୍ରଭୁ ଯୋଗାଇଥିବା ଗୃହର ପ୍ରକାର ବିଷୟ ବର୍ଣ୍ଣନା କର ।
୨. ମନୁଷ୍ୟକୁ କେଉଁ କାମ କରିବାକୁ ପରମେଶ୍ୱର ଦେଲେ ? କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ତୁମେ କାହିଁକି ଭାବ ? (ଉପଦେଶକ ୫:୧୯)
୩. ଏହି ସୁନ୍ଦର ପରିବେଶ ଓ ପ୍ରୟୋଜନୀୟ□ମଧ୍ୟରେ, କେଉଁ ଗୋଟିଏ ବିଷୟ ପରମେଶ୍ୱର ବାରଣ କଲେ
୪. (୧୬ ଓ ୧୭, ପଦ)

ଦିନ ୨

ଆଦି ପୁସ୍ତକ ୨:୧୮-୨୫, ପାଠକର

୧. ଉଦ୍ୟାନ ଯାହା ଯୋଗାଇ ନପାରିଲା ଆଦମ ଠାରେ କେଉଁ ଅଭାବତା ପରମେଶ୍ୱର ଦେଖିଲେ ?
୨. ପରମେଶ୍ୱର ନାରୀକୁ କିପରି ନିର୍ମାଣ କଲେ ?
୩. ପରମେଶ୍ୱର ନାରୀକୁ ଦେଇଥିବା ଓ ବିବାହ ଯୋଜନାର ମୂଲ୍ୟକୁ ତୁମେ ଦେଖୁଛ କି ?

ଦିନ ୩

ଆଦି ପୁସ୍ତକ ୩:୧-୭ ପାଠକର

୧. ସର୍ପ ଦେଇ କିଏ କହିଲା ? (ପ୍ରକାଶିତ ୧୨:୯)

ମାଥିଉ ୧୩:୧୯, ଯୋହନ ୮:୪୪ ଓ ୧ ପିତର ୫:୮ ସହାୟତାରେ ଏହି ଶୟତାନକୁ ତୁମେ ବର୍ଣ୍ଣନା କରି ପାରିବ କି ?

୨. ପରମେଶ୍ୱରଙ୍କୁ ଅବଜ୍ଞା କରିବାରେ ଯାହା ସହଜ ହେଲା ହବା କଣ କଲା ? (ଯାକୁବ ୪:୭)
୩. ୧ ଯୋହନ ୨:୧୫-୧୭, ଯାହା ଦର୍ଶାଯାଇଛି , ନାରୀ ମାନଙ୍କ ମଧ୍ୟରେ କେଉଁ ଇଚ୍ଛା ଉଦ୍ରେକ କରିଥାଏ । ସେହି ପ୍ରକାର ଇଚ୍ଛାକୁ ନିୟନ୍ତ୍ରଣ କରିବାକୁ ତା ବିରୁଦ୍ଧରେ କିପରି ଆମେ ଦଣ୍ଡାୟମାନ ହୋଇପାରିବା (ରୋମୀୟ ୬:୧୧-୧୪)
୪. ପରୀକ୍ଷା ସମୂହକୁ ପ୍ରତିହତ କରିବା ପାଇଁ ପରମେଶ୍ୱର ଆତ୍ମମାନଙ୍କ ସାହାଯ୍ୟାର୍ଥେ କଣ ଦେଇଛନ୍ତି ? (ରୋମୀୟ ୮:୮-୯, ୧ କରିନ୍ଥୀୟ ୧୦:୧୩ ଓ ଏବ୍ରୀ ୨:୧୮)

ଦିନ ୪

ଆଦିପୁସ୍ତକ ୩:୮-୨୪ ପାଠକର

୧. ଆଦମ ଓ ହବାଙ୍କ ପ୍ରତି ପାପର ପରିମାଣ ଗୁଡ଼ିକର ନାମ ତାଲିକା କର । (ତୁମ ଉତ୍ତରରେ ୭ ପଦକୁ ମିଳିତ କରିବାରେ ନିଶ୍ଚିତ ହୁଅ)
୨. ଆଦମ ଆପଣା ପାପ ପାଇଁ କାହାକୁ ଦାୟୀ କଲେ ?
୩. ହବା କାହାକୁ ଦୋଷୀ କଲେ ?
୪. ପରମେଶ୍ୱର କାହାକୁ ଦୋଷୀ କଲେ ? (ରୋମୀୟ ୫:୧୨-୧୪ ଦେଖ)
୫. ପରମେଶ୍ୱର ଏମାନଙ୍କ ଉପରେ ଦେଇଥିବା ଅଭିଶାପ ଗୁଡ଼ିକ ବର୍ଣ୍ଣନା କର
କ. ସର୍ପ (ଏବ୍ରି ୨:୧୪-୧୫)
ଖ. ହବା
ଗ. ଆଦମ
ଘ. ପୃଥିବୀ

୬. ୧ ଯୋହନ ୧:୮-୯, ପାଠକର । ବର୍ତମାନ ଈଶ୍ୱରଙ୍କଠାରେ ସ୍ୱୀକାର କରିବାକୁ ତୁମର କୌଣସି ପାପ ଅଛି କି ?

ଦିନ ୫

ଆଦିପୁସ୍ତକ ୩: ୨୦-୨୪ ପାଠକର

୧. ଆଦମ ଓ ହବାଙ୍କୁ ଧ୍ୱଂସବିଧ୍ୱଂସ କରିଥିବା କୌଣସି ପାପକୁ ତୁମେ ଉଲ୍ଲେଖ କରିପାରିବ କି ?
୨. ପଦ ୨୧, ହିସାବରେ ପରମେଶ୍ୱର ଆଦମ ଓ ହବାଙ୍କ ନିମନ୍ତେ କେଉଁ ବିଷୟ ଯୋଗାଇଲେ ?
୩. ଏବ୍ରି ୯:୨୨ ହିସାବରେ ଆମେ ରକ୍ତ ବଳିଦାନ ବିଷୟରେ କି ଶିକ୍ଷା କରୁ ?
୪. ଆମ୍ଭେମାନେ ଏଠାରେ ସେହି ସତ୍ୟକୁ କିପରି ଦେଖୁ କି ଖ୍ରୀଷ୍ଟ "ଈଶ୍ୱରଙ୍କ ମେଷଶାବକ ଯେ ଜଗତର ପାପକୁ ବହିନେଇ ଯାଆନ୍ତି" ? (ଯୋହନ ୧:୨୯)

ଦିନ ୬

ପାଠ ୨ "ମାନବର ପତନ"

ଶାସ୍ତ୍ରାଂଶ : ଅଧ୍ୟାୟ ୨-୩

ମୁଖ୍ୟପଦ: ଅଧ୍ୟାୟ ୩:୬, "ଏଥିରେ ନାରୀ ସେହି ବୃକ୍ଷକୁ ସୁଖାଦ୍ୟର ଉତ୍ପାଦକ ଓ ନୟନର ଲୋଭ ଜନକ ଓ ଜ୍ଞାନ ଦେବା ନିମିତ୍ତ ବାଞ୍ଛନୀୟ ଦେଖି ତହିଁରୁ ଫଳ ତୋଳି ଖାଇଲେ, ପୁଣି ଆପଣା ସଂଗସ୍ଥ ସ୍ୱାମୀଙ୍କୁ ଦିଅନ୍ତେ, ସେ ମଧ୍ୟ ଖାଇଲେ ।"

ବିଷୟ ବାକ୍ୟ: ଆଦମ ଓ ହବା ପରୀକ୍ଷାରେ ପଡ଼ିଲେ ଓ ପାପର ପରିଣାମ ଭୋଗିଲେ କିନ୍ତୁ ପରମେଶ୍ୱର ଉଦ୍ଧାରର ବଂଶଜ ପ୍ରତିଜ୍ଞା କଲେ ।

ଜୀବନ ପ୍ରଣାଳୀ: ପିତାଙ୍କଠାରୁ ଆମକୁ ବିଚ୍ଛିନ୍ନ ରଖିଥିବା କୌଣସି ପାପ ପ୍ରତି ଆମ ଆତ୍ମିକ ଚକ୍ଷୁ ଉନ୍ମୁକ୍ତ ଥାଉ ଓ ସ୍ୱୀକାର କରି ଓ ଯୀଶୁଙ୍କ ରକ୍ତ ଦେଇ ପରିଷ୍କାର ପାଇଁ ଫେରୁ ।

ସାରାଂଶ: ୨ ଅଧ୍ୟାୟ ବିଶ୍ରାମବାରର ପ୍ରତିଷ୍ଠା ସହ ଆରମ୍ଭ ହୁଏ । ପରମେଶ୍ୱର ଯେ ସକଳ ସୃଷ୍ଟି କଲେ ସେଥିରେ ସନ୍ତୁଷ୍ଟ ହୋଇ ସପ୍ତମ ଦିନରେ ବିଶ୍ରାମ କଲେ । ଏବ୍ରୀ ଶବ୍ଦ 'ବିଶ୍ରାମ' ହିଁ ସାବ୍ୱାଥ । ପରମେଶ୍ୱର ଆମ୍ଭମାନଙ୍କ ପାଳନୀୟ ନିମନ୍ତେ ଏକ ଦିବସକୁ ନେଇ ଓ ଏହାକୁ ସହଭାଗିତା ପାଇଁ ଦେଇ ଓ ପ୍ରଭୁଙ୍କୁ ଉପଭୋଗ ପାଇଁ ଏକ ଉଦାହରଣ ସ୍ଥାପନ କଲେ । ପ୍ରଥମ ମାନବୀୟ ପାଳନ ଯାତ୍ରା ପୁସ୍ତକ ୧୬:୨୩ ରେ ଲିଖିତ ହୋଇଛି ଓ ମୋଶାକୁ ଦଶ ଆଜ୍ଞା ମଧ୍ୟରୁ ଏକ ଆଜ୍ଞା ଭାବେ ପ୍ରଦାନ କରାଯାଇଛି । ଯିଶାଇୟ୫୮:୧୩-୧୪ରେ ବିଶ୍ରାମବାର ରକ୍ଷଣୀୟ ଦ୍ୱାରା କେତେକ ଲାଭ ଓ ଆଶିର୍ବାଦ ଗୁଡ଼ିକର ତାଲିକା କରାଯାଇଛି ।

୨ ଅଧ୍ୟାୟର ବାକି ଅଂଶ ଆମ୍ଭମାନଙ୍କର ବଂଶଜଙ୍କ ସୃଷ୍ଟିରେ ସମର୍ପିତ ହୋଇଛି । ଆଦି ପୁସ୍ତକ ୨:୭ ଅନନ୍ତର ସଦାପ୍ରଭୁ ପରମେଶ୍ୱର ଭୂମିର ଧୂଳି ଦ୍ୱାର ମନୁଷ୍ୟକୁ ନିର୍ମାଣ କଲେ । ଯେତେବେଳେ ସଦାପ୍ରଭୁ ପରମେଶ୍ୱର ମନୁଷ୍ୟର ନାସିକା ରନ୍ଧ୍ରରେ ଫୁଙ୍କ ଦେଲେ ସେ ଜୀବିତ ପ୍ରାଣୀ ହେଲା । 'ମନୁଷ୍ୟର ସୃଷ୍ଟି ଅନ୍ୟ ଜୀବଜନ୍ତୁମାନଙ୍କ ସୃଷ୍ଟିଠାରୁ ଭିନ୍ନ ଅଟେ । ଆଦିପୁସ୍ତକ ୧:୨୭ କହେ ।

"ଅନନ୍ତର ପରମେଶ୍ୱର ଆପଣା ପ୍ରତିମୂର୍ତିରେ ମନୁଷ୍ୟକୁ ସୃଷ୍ଟି କଲେ, ପରମେଶ୍ୱରଙ୍କ ପ୍ରତିମୂର୍ତିରେ ସେ ତାହାକୁ ସୃଷ୍ଟି କଲେ, ପୁରୁଷ ଓ ସ୍ତ୍ରୀ କରି ସେ ସେମାନଙ୍କୁ ସୃଷ୍ଟି କଲେ ଏହାକୁ ତର୍ଜମା କରିବା ସହଜ ଉପାୟ ଏହା ଧରିନିଆଯାଏ ଯେ ପରମେଶ୍ୱରଙ୍କ ଫୁଙ୍କ ଆଦମକୁ ଜୀବିତ ପ୍ରାଣୀ କଲା । (ଇଶ୍ୱରୟ ଜୀବନ ଫୁଙ୍କ ବା ପ୍ରତ୍ୟେକ ମାନବପ୍ରାଣୀ ପାଇଁ ଆତ୍ମାହିଁ

ଗୁରୁତ୍ୱପୂର୍ଣ୍ଣ, ଏହା ପ୍ରାଣୀ ଓ ମନକୁ ପ୍ରତିନିଧିତ୍ୱ କରେ। ଏହା ଅନୁଭବ, ସ୍ନେହ ଓ ଆବେଗକୁ ବୁଝାଇଥାଏ । ଏହା ଇଚ୍ଛା, ଭାବନାଧାରା ଓ କର୍ମକୁ ପ୍ରତିନିଧିତ୍ୱ  କରେ । ଏହା ଅନୁଭବ, ସ୍ନେହ ଓ ଆବେଗକୁ ବୁଝାଇଥାଏ । ଏହା ଇଚ୍ଛା, ଭାବନାଧାରା ଓ କର୍ମକୁ ପ୍ରତିନିଧିତ୍ୱ କରେ । ଏହା ମନୁଷ୍ୟକୁ ଜ୍ଞାନ ଓ ଆବେଗ ସହ ସୃଷ୍ଟିକର୍ତାକୁ ପ୍ରତିକ୍ରିୟା ବ୍ୟକ୍ତ କରିଥାଏ । ମନୁଷ୍ୟ ଜୀବନର ଶ୍ୱାସକୁ ଧରିଛି ତେଣୁ ସେ ତାହାଙ୍କ ସହ ସହକର୍ମି ଭାବେ ସାମର୍ଥ୍ୟ ରହିଛି । ପରମେଶ୍ୱର ଆମ୍ଭମାନଙ୍କୁ ସୃଷ୍ଟି କରିଛନ୍ତି  ଯଦ୍ୱାରା ତାହାଙ୍କ ସହ ସହଭାଗିଦାରିତା ଉପଭୋଗ କରୁ ଯାହା ଆମ ଜୀବନକୁ ମୂଲ୍ୟବାନ ଓ ଅର୍ଥପୂର୍ଣ୍ଣ କରିଥାଏ । ଏକ ଉଦ୍ଦେଶ୍ୟ ଯାହା ଆମେ ସମସ୍ତେ ଖୋଜୁଛୁ ।

ଯେହେତୁ ପରମେଶ୍ୱର ସେମାନଙ୍କୁ ପୁରୁଷ ଓ ସ୍ତ୍ରୀ କରି ଗଢ଼ିଲେ, ଏହା ଏକ ଯୁକ୍ତିଯୁକ୍ତ ସମାଧାନ ଯେ ପରମେଶ୍ୱର ମାନବ ବିବାହର ସ୍ଥାପନ କଲେ । ପରମେଶ୍ୱର ସମ୍ପର୍କର କର୍ତା ତାହାଙ୍କ ଜ୍ଞାନରେ, ସେ କହିଲେ, ମନୁଷ୍ୟ ଏକାକୀ ରହିବା ଭଲ ନୁହେଁ, ତେଣୁ ପରମେଶ୍ୱର ତାହା ନିମନ୍ତେ ସହକାରିଣୀ ନିର୍ମାଣ କଲେ । ଏବ୍ରୀ ଶବ୍ଦ ‘ଏଜର’ ଅର୍ଥ ‘ ସହକାରିଣୀ’ , ‘ସାଥି’ ଓ ‘ସାନ୍ତ୍ୱନାକାରୀ’ । କେତେକ ସ୍ଥାନରେ ଏ ପ୍ରକାର ତର୍ଜମା କରାଯାଇଛି । ତାହାଙ୍କ ପାଖ ରକ୍ଷାକାରୀ’ । ଏହା ଧାର୍ଯ୍ୟ ଯେ ସେ ପ୍ରଥମେ ମନୁଷ୍ୟକୁ ତାହାଙ୍କ ସହ ସହଭାଗିତା ପାଇଁ ସୃଷ୍ଟି କଲେ । ତତ୍ପରେ ସେ ସ୍ତ୍ରୀ କୁ ମନୁଷ୍ୟ ସହ ସହଭାଗିତା ତଥା ସମ୍ଭାଳିବା ପାଇଁ ସୃଷ୍ଟି କଲେ । ବ୍ୟବହାରୀକ ଆବଶ୍ୟକତା ପୁରଣ ନିମିତ ବିବାହ ସୃଷ୍ଟି ହୋଇ ନଥିଲା ଯାହା ଯୀଶୁ ମାର୍କ ୧୦:୬-୯ ଅଂଶରେ ପ୍ରକାଶ କରନ୍ତି । ବିବାହ ପରମେଶ୍ୱରଙ୍କ ଉଦ୍ଦେଶ୍ୟ ଆତ୍ମିକ ଓ ଶାରିରୀକ ବଂଧନ । ଏବଂ ଏହି ବଂଧନ ପରମେଶ୍ୱରଙ୍କ ସହ ଆମ୍ଭମାନଙ୍କର ସହାଭାଗିତାକୁ ବୁଝାଏ । ଉଭୟେ ତାହାଙ୍କ ପ୍ରତିମୂର୍ତିରେ, ସହଉତ୍ରାଧିକାରୀ, ଏବଂ ପରମେଶ୍ୱର ଅନୁଗ୍ରହ ଓ ପ୍ରତିଜ୍ଞା ପ୍ରାପ୍ତିଭାବେ ନିର୍ମିତ ହୋଇଥିଲେ । ଗାଲାତୀୟ ୩:୨୬-୨୯ରେ ଯେପରି କୁହେ । କାରଣ ତୁମ୍ଭେମାନେ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କ ସନ୍ତାନ ହୋଇଅଛି । ଯେଣୁ ତୁମ୍ଭେମାନେ ଯେତେଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛି, ତୁମ୍ଭେମାନେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛି । ଯିହୁଦୀ କି ଗ୍ରୀକ, ଦାସ କି ସ୍ୱାଧିନ, ପୁରୁଷ କି ସ୍ତ୍ରୀ, ତୁମ୍ଭମାନଙ୍କ ମଧ୍ୟରେ କିଛି ରହିଁ ପ୍ରଭେଦ ନାହିଁ, କାରଣ ଖ୍ରୀଷ୍ଟ ଯୀଶୁଙ୍କଠାରେ ତୁମ୍ଭେମାନେ ଏକ । ଆଉ ଯଦି ତୁମେ ଖ୍ରୀଷ୍ଟଙ୍କର ତେବେ ତୁମ୍ଭେମାନେ ଅବ୍ରହାମଙ୍କ ବଂଶ, ପ୍ରତିଜ୍ଞା ଅନୁସାରେ ଉତ୍ରାଧିକାରୀ ।

ଆମ୍ଭମାନଙ୍କ ଅଧ୍ୟନର ଅଧାୟ ୩ ଏକ ଗୁରୁତ୍ୱପୂର୍ଣ୍ଣ ଅଧାୟ ଅଟେ । ଏହା ମନୁଷ୍ୟର ପାପପୂର୍ଣ୍ଣତା, ମୃତ୍ୟୁ ଏବଂ ସମସ୍ତ ପୃଥିବୀର ଦୟନୀୟତାର ଆରମ୍ଭକୁ ଭରିରଖେ । ଏହା ମଧ ପ୍ରଥମ ଉଦ୍ଧାରକର୍ତାଙ୍କର ପ୍ରତିଜ୍ଞାକୁ ମିଳିତ କରାଏ । (ଆଦିପୁସ୍ତକ ୩:୧୫) ଏହି ଅଧ୍ୟାୟ ଧୂର୍ତ ସର୍ପକୁ ଉପସ୍ଥାପନ କରାଇ ଆରମ୍ଭ କରେ । କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ , କିନ୍ତୁ ଅତିଶୀଘ୍ର ଜାଣିବା ଯେ ସେ ପରମେଶ୍ୱରଙ୍କ ପ୍ରତିରୋଧକ ଓ ପ୍ରତାରକ ଅଟେ । ସେ ଉଦ୍ୟାନରେ ହବାଙ୍କ ନିକଟବର୍ତୀ ହୋଇ ପରମେଶ୍ୱରଙ୍କ ଚରିତ୍ର ଓ ବାକ୍ୟ ପ୍ରତି ପ୍ରଶ୍ନ ଉଠାଏ, କହେ ଉଦ୍ୟାନର ସମସ୍ତ ବୃକ୍ଷର ଫଳ ବି ଖାଇବାକୁ ନିଷେଧ କରିଛନ୍ତି । ହବା ରକ୍ଷଣୀୟ ଭାବେ ପ୍ରତିକ୍ରିୟା କରେ ଓ ପରମେଶ୍ୱରଙ୍କ ବାକ୍ୟରେ ଯୋଗ କରି କହେ କି ସେମାନେ ଫଳକୁ ଛୁଇଁବେ ନାହିଁ କାରଣ ତାହା ମୃତ୍ୟୁର କାରଣ ହେବ । ଶୟତାନ ଆଦମ ଓ ହବାଙ୍କୁ ନେଇ ପରମେଶ୍ୱରଙ୍କ ଆଜ୍ଞାର ପ୍ରତିକୂଳାଚରଣ କରି ଅଭିଯୋଗ କଲା । ହବା ଓ ଶୟତାନ ଉଭୟେ ପରମେଶ୍ୱରଙ୍କ ବାକ୍ୟରେ ବିପରୀତିକରଣ ପାଇଁ ଦୋଷୀ ଯାହା ଦ୍ୱିତୀୟ ବିବରଣ ୪:୨ ରେ ଦୃଢଭାବେ ସର୍ତକ କରାଯାଇଛି । ତାହାର ସ୍ୱାମୀ ତାହାର ପାର୍ଶ୍ୱରେ

ଦଣ୍ଡାୟମାନ ହୋଇ, ହବା ଛଳନା ଓ ପରୀକ୍ଷାରେ ପଡି ବାରଣ କରାଯାଇଥିବା ଫଳ ଖାଇଲା । ସେ ତାହା ଆଦମଙ୍କୁ ଦିଅନ୍ତେ ସେ ମଧ୍ୟ ଖାଇଲା । ପାପ ମନୁଷ୍ୟର ହୃଦୟରେ ପ୍ରବେଶ କଲା ଏବଂ ତତ୍‌କ୍ଷଣାତ୍ ସେମାନେ ଲଜ୍ଜାବୋଧ କଲେ ।

ସେମାନଙ୍କର ବିରୋଧ ହେତୁ ପରମେଶ୍ୱର ସର୍ପଠାରୁ ଆରମ୍ଭ କରି ସେହି ତିନି ପ୍ରାଣୀ ଉପରେ ବିଚାର ଦଣ୍ଡ ଘୋଷଣା କଲେ । ଶୟତାନ ପରମେଶ୍ୱରଙ୍କ ଠାରୁ ଅଭିଶପ୍ତ ଓ ନ୍ୟୁନ କରାଗଲା । ସମସ୍ତ ମାନବଜାତି ଦ୍ୱାରା ଘୃଣିତ ହେଲା, ନାରୀର ବଂଶ ଓ ସର୍ପର ବଂଶ ମଧ୍ୟରେ ସଂଗ୍ରାମର ଘୋଷଣା ହେଲା । ଏହି ଶତୃତା ଭାବ ଅନୁଗ୍ରହ ଓ କ୍ଷୟତା , ଜଗତରେ ଧାର୍ମିକ ଓ ଅଧାର୍ମିକ ମଧ୍ୟରେ ନିରନ୍ତର ସଂଗ୍ରାମ ଚାଲିଛି । ତଥାପି ଏହି ବିଚାର ମଧ୍ୟରେ ବଂଶ, ପ୍ରତିଜ୍ଞାତ ଖ୍ରୀଷ୍ଟ, ପତିତ ମାନବର ଉଦ୍ଧାରକ ବିଷୟ ଭାବବାଣୀ କରାଗଲେ (ଆଦି ପୁସ୍ତକ ୩:୧୫)। ଖ୍ରୀଷ୍ଟଙ୍କ ବିଷୟକ ଏହା ପ୍ରଥମ ପ୍ରତିଜ୍ଞା (ଯିଶାଇୟ ୭:୧୪, ଲୂକ ୧:୩୪ ଓ ଗାଲାତୀୟ ୪:୪ ରେ ମଧ୍ୟ ଦେଖ) । ପରୀକ୍ଷକ ତାହାଙ୍କ ଗୋଇଠିକି ଆଘାତ କରିବ ମାତ୍ର ଉଦ୍ଧାରକ ଶୟତାନର ମସ୍ତକୁ ଚୂର୍ଣ୍ଣ କରିବ ଏବଂ ପରିଶେଷରେ ତାହାକୁ ପରାଜିତ କରିବେ (୩:୧୫)। ଏହା ଏକ ଭବିଷ୍ୟତବାଣୀର ଉଲ୍ଲେଖ ଯେତେବେଳେ ପିତା ଆମ ପାପ ପାଇଁ ଖ୍ରୀଷ୍ଟଙ୍କୁ ଆଘାତ କରି କ୍ଲେଶ ଭୋଗିବାକୁ ଦେଲେ । ଯିଶାଇୟ (୫୩:୪,୫)

ତତ୍‌ପରେ ପରମେଶ୍ୱର ହବା ଆଡକୁ ପେରି ବ୍ୟଥାରେ ଏକ ଜୀବନ ବିଶେଷରେ ସନ୍ତାନ ପ୍ରସବ କରିବ ବୋଲି ସର୍ତକ କଲେ । ସେ ମଧ୍ୟ ଯେପରି କୁହାଯାଇଛି "ତୁମ ସ୍ୱାମୀ ପ୍ରତି ତୁମର ବାସନା ରହିବ । (୩:୧୬) । ଏହା ମଧ୍ୟ ୪:୭ରେ ବ୍ୟବହାର କରାଯାଇଛି । ସେ ତାଙ୍କ ଅନ୍ତେ ସମସ୍ତ ନାରୀ ତାଙ୍କ ସ୍ୱାମୀ ଉପରେ କର୍ତୃତ୍ୱ କରିବାର ବାସନା ହେବ ମାତ୍ର ତାହା ଉପରେ ତାହାର ଇଚ୍ଛାକୁ ବ୍ୟବହାର କରିବ । ଆଜଦିନ ଏପ୍ରକାର ଲଢାଇ ବହୁ କ୍ଷେତ୍ରରେ ଦେଖାଯାଏ, ମାତ୍ର ଏଫିସୀୟ ୫:୨୨-୩୩ ରେ ସ୍ୱାମୀ ଓ ସ୍ତ୍ରୀମାନଙ୍କୁ ସିଧାସଳଖ ଭାବେ ବିପରୀତ ନିର୍ଦ୍ଦେଶାବଳୀ ଦିଆଯାଇଛି ।

ପରମେଶ୍ୱରଙ୍କ ଆଦମ ପ୍ରତି ବିଚାରଦଣ୍ଡ ଘୋଷଣା କେବଳ ମନୁଷ୍ୟ ପ୍ରତି ନୁହେଁ, ମାତ୍ର ଭୂମି ମଧ୍ୟ ଦଣ୍ଡିତ । ଯେପରି ଶୟତାନ ପ୍ରତି ବିଚାରଦଣ୍ଡ ସଂଗ୍ରାମର ସତ୍ୟତା ହୋଇଛି, ହବା ପ୍ରତି ବିଚାର ଦଣ୍ଡର ସତ୍ୟତା ସର୍ମ୍ପକରେ ଛିନ୍ନତା, ଆଦମଙ୍କ ଉପରେ ବିଚାର ଦଣ୍ଡ ବିଧିରହିବାର ସଂଗ୍ରାମ ହୋଇଯାଇଛି । ମାନବର ଜୀବନ ଅନୁଭୂତିରେ କଣ୍‌ଟା, ଗୋଖରା ଗଛ ଓ ମୁଖର ଝାଳ ହିଁ ହେବ । ରୋମୀ ୮:୨୦ କହେ, କାରଣ ସୃଷ୍ଟି ଅସାରତାର ବଶୀଭୂତ ହେଲା ତା'ର ନିଜ ଇଚ୍ଛାରୁ ନୁହେଁ, କିନ୍ତୁ ଯେ ତାଙ୍କୁ ବଶୀଭୂତ କଲେ ତାହାଙ୍କ ଇଚ୍ଛାରୁ । ପୃଥିବୀ ଅଭିଶପ୍ତ ହେଲା ଓ ମନୁଷ୍ୟର ଅଧିକାରର ବିରୁଦ୍ଧରେ ରଖିଲେ । ପାପ ଦ୍ୱାରା ମୃତ୍ୟୁ ଓ ବିନାଶ ଯେପରି ପରମେଶ୍ୱର ସତକ କରାଇଥିଲେ ଅନୁଭୂତ ହେଲା ।

ଅଭିଶାପ ସତ୍ୱେ ଆଦମ ଓ ହବାଙ୍କ ପ୍ରତି ପରମେଶ୍ୱରଙ୍କ ସୁରକ୍ଷା ଓ ପ୍ରୟୋଜନୀୟ ପଦ ୨୦-୨୧ରେ ଯେତେବେଳେ ପଶୁର ଚମଡାରୁ ବସ୍ତ୍ର ବନାଇ ସେମାନଙ୍କୁ ଦେବାର ଦେଖୁ । ଏହା ଏକ ଶିକ୍ଷାର ମୂହୁର୍ତ କାରଣ ସେହି ସମୟଠାରୁ ପାପ ପାଇଁ ରକ୍ତପାତର ଆବଶ୍ୟକ ହେଲା । ବାଇବଲ ସାରା ଏହି ରକ୍ତର ବଳିଦାନ ଧାରା ଲାଗିରହିଲା, ଖ୍ରୀଷ୍ଟଙ୍କର କ୍ରୁଶ ଉପରେ ରକ୍ତ ବଳିଦାନରେ ଶେଷ ହେଲା ।

ପରମେଶ୍ୱର, ଶୟତାନ ଓ ମନୁଷ୍ୟର ମୌଳିକ ଚରିତ୍ରକୁ ନ ବୁଝି ଆଦିପୁସ୍ତକର ମୂଳ ସତ୍ୟକୁ ବୁଝିନପାରୁ । ପତନ ପରଠାରୁ ଆମ୍ଭମାନଙ୍କଠାରେ ପରମେଶ୍ୱରଙ୍କ ଉତ୍‌ମତା ଓ ଶକ୍ତି ଉପରେ ସନ୍ଦେହ ଭରି ରହିଛି । ଆମେ ଏହା ବିଶ୍ୱାସ କରୁ କି ପରମେଶ୍ୱର ଆମର ଭଲ ଚାହାଁନ୍ତି ନାହିଁ ।, ଯେଣୁ ସେ ଆମର ପକ୍ଷରେ ରୁହନ୍ତି ନାହିଁ, ସେ ଦୁରରେ ରୁହନ୍ତି ବା ସେ

କ୍ରୁର ଓ ଅମନୋଯୋଗୀ ଅଟନ୍ତି । ଶତୃର ଏହି ମିଥ୍ୟା ଗୁଡିକ ହବାକୁ ଈଶ୍ୱରଙ୍କ ଉପରେ ନିର୍ଭର ନ କରି ନିଜ ଉପରେ ଭରା କରିବାରେ ମଣାଇଲା । ଦୁର୍ଭାଗ୍ୟବସତଃ, ଆମ୍ଭେମାନେ ସେହି ପ୍ରକାର କରୁ । ଆମର ଶତ୍ରୁର ବିନାଶକାରୀ ମିଥ୍ୟାର ଅସ୍ତ୍ରକୁ ଚିହ୍ନିବା ଆବଶ୍ୟକ ଯେ ପରମେଶ୍ୱରଙ୍କ ଗୌରବ ହରଣ କରିବାକୁ ଚାହେଁ ଓ ଆମ୍ଭମାନଙ୍କୁ ପିତାଙ୍କ ସହ ନିବିଡ ସମ୍ପର୍କ ଯାହା ଆମେ ନିତ୍ୟାନ୍ତ ଆବଶ୍ୟକତାରୁ ସେଥିରୁ ଦୂରରେ ରଖେ । ଆମ୍ଭମାନଙ୍କ ପ୍ରାଣର ଶତ୍ରୁଠାରୁ ଏହି ସମସ୍ତ ଦେଖିବାର ଅଛି ଓ ହବାର ତାହାର ମିଥ୍ୟାର ପତନ ହେଲା ପରି ସେଥିପାଇଁ ସମୟକୁ ସମୟ ଅନୁତାପ କରି ସେ ସବୁର ପ୍ରତିହତ କରିବା ।

ପରମେଶ୍ୱରଙ୍କ ଚରିତ୍ର ବିଷୟରେ ପ୍ରତାରିତ ହେବା ସହ, ଆମ୍ଭମାନଙ୍କ ଶତୃର ଭୂମିକାକୁ ଏବଂ ମନୁଷ୍ୟର ଦାୟିତ୍ୱ ବିଷୟକୁ ପ୍ରତ୍ୟାଖ୍ୟାନ ଓ ଦ୍ୱନ୍ଦରେ ପଡିବା ସାଧାରଣ ଅଟେ । ଆମେ ଯେ ଏକ ଆତ୍ମିକ ଯୁଦ୍ଧର ସମୟରେ ଜୀବନଯାପନ କରୁଛୁ ଯଦି ବୁଝି ନ ପାରୁ ତେବେ ଅନେକ ସତ୍ୟ ବିଷୟକୁ ଭୁଲ ବୁଝିଥାଉ । ଆମ୍ଭକୁ ଏହା ବୁଝିବା ଆବଶ୍ୟକ ଯେ ଆମ୍ଭମାନଙ୍କର ଏକ ଦୁଷ୍ଟ ଶତୃ ଅଛି, ଯେ ଆମ୍ଭମାନଙ୍କୁ ଭ୍ରାନ୍ତ ଓ ପରୀକ୍ଷାରେ ପକାଇବାକୁ ଫୁସୁଲାଉଛି । ସେ ଆମକୁ ବିନାଶ କରିବାକୁ ଖୋଜେ ଓ ପିତାଙ୍କ ସହ ଆମ ସମ୍ପର୍କକୁ ଛିନ୍ନ କରିବାକୁ ଚାହେଁ । କିନ୍ତୁ ଯୀଶୁ କ୍ରୁଶ ଉପରେ ବିଜୟୀ ହୋଇଛନ୍ତି । ସେହି ପିତାଙ୍କ ହାତରୁ କେହି ହରଣ କରିନପାରେ, ଅଭିଯୋଗ କରିବା ଅଧିକାର ନାହିଁ ଓ ଅନୁତାପ କରିବାକୁ ଦୂର କରି ନ ପାରେ । ଆମ୍ଭେମାନେ ପବିତ୍ର ଆତ୍ମାଙ୍କ ପ୍ରମାଣକୁ ପ୍ରତ୍ୟାଖ୍ୟାନ କରିବା ନାହିଁ ଓ ଆମ ପାପକୁ ଢାଙ୍କି ରଖିବା ନାହିଁ, ଆମ ଭୂଲଠାରୁ ଲୁଚିଯାଉ ଓ ଆମ ସମସ୍ୟା ପାଇଁ ଅନ୍ୟକୁ ଦୋଷୀ କରିଥାଉ । ଆମ ପରମେଶ୍ୱରଙ୍କଠାରେ ସମର୍ପିତ ହୋଇ, ଶରୀରର ଅଭିଳାଷକୁ କ୍ରୁଶାର୍ପିତ କରି ଓ ଶତୃର ପ୍ରତିରୋଧ କରି ଅନୁଗ୍ରହ ପାଇଥାଉ ।

*ଆମ ପିତାଙ୍କଠାରୁ ପୃଥକ୍ ରଖୁଥିବା ପାପ ପ୍ରତି ଆତ୍ମିକ ଚକ୍ଷୁ ଉନ୍ମୁକ୍ତ ଥାଉ ଓ ଯୀଶୁଙ୍କ ରକ୍ତ ଦ୍ୱାରା ସୁଚିପାଇଁ ସ୍ୱୀକାର କରିବାକୁ ଘୁରିଯାଉ ।*

## ପାଠ ତିନ

ବିଷୟ ବାକ୍ୟ : ଅର୍ନ୍ତଜ୍ୱାଳାରୁ ଓ ବିଶ୍ୱାସର ଅଭାବରୁ, କୟିନ ଆପଣା ଭାଇ ହେବଲକୁ ହତ୍ୟା କଲା ।

ଦିନ ୧

ଆଦିପୁସ୍ତକ ୪:୧-୫, ଏବ୍ରୀ ୧୧:୪,୬ ଓ ଏବ୍ରୀ ୧୨:୧୪-୧୫ ପାଠକର

୧. କେଉଁ ସନ୍ତାନମାନେ ପ୍ରଥମେ ଏ ପୃଥିବୀରେ ଜନ୍ମ ନେଲେ ଓ ପ୍ରତ୍ୟେକ କେଉଁ କେଉଁ କର୍ମ କଲେ ?

୨. ତୁମେ ପାଠ କରିବା ଆଧାରରେ, ତୁମେ କାହିଁକି ଭାବ ଯେ ପରମେଶ୍ୱର ହେବଲର ନୈବେଦ୍ୟ ଗ୍ରହଣ କଲେ ଓ କୟିନର ନୈବେଦ୍ୟକୁ ଅଗ୍ରାହ୍ୟ କଲେ ?

୩. ଆଦିପୁସ୍ତକ ୪:୧-୫ରୁ କୟିନଙ୍କର ପରମେଶ୍ୱରଙ୍କ ପ୍ରତି, ହେବଲଙ୍କ ପ୍ରତି ଏବଂ ହେବଲଙ୍କୁ ହତ୍ୟା କରିବା ପୂର୍ବରୁ ଜୀବନପ୍ରତି କି ମନୋଭାବନା ଥିଲା ?

୪. କୟିନ ଖୁସି ନ ଥିବା ବା କ୍ରୋଧ କରିବାର ମୁଖ୍ୟ କାରଣ କଣ ବୋଲି ଭାବୁଛ ?

୫. ଏବ୍ରି ୧୩:୧୫, ୧୬ ଅନୁସାରେ କେଉଁ ଦୁଇଟି ବଳିଦାନ ପରମେଶ୍ୱଙ୍କୁ ସନ୍ତୁଷ୍ଟ କରିଥାଏ ?

ଦିନ ୨

ଆଦି ପୁସ୍ତକ୪:୬-୮ ପାଠ କର

୧. ଆଦିପୁସ୍ତକ ୪:୬-୮ ସହ କରନ୍ଥୀୟ ୧୦:୧୩ ତୁଳନା କର । ଆଦିପୁସ୍ତକ ୪:୬-୮ରେ କେଉଁ ଶବ୍ଦଗୁଚ୍ଛ ଧାରଣା ଦିଏ ଯେ କୟିନର ପରୀକ୍ଷାରୁ ଏକ "ରକ୍ଷା ପାଇବାର ପଥ" ପରମେଶ୍ୱର ପ୍ରସ୍ତୁତ କଲେ ?

୨. ଆଦିପୁସ୍ତକ ୪:୬-୭, କୟିନଙ୍କର ଖୁସି ନଥିବା ହୃଦୟକୁ ପରମେଶ୍ୱର କୋମଳ ଭାବେ ବୁଝିଛନ୍ତି ଦର୍ଶାଅ ?

୩. କୟିନର ହୃଦୟ କୋଣରେ କେଉଁ ପାପ ଆଉଜି ରହିଥିଲା ବୋଲି ତୁମେ ଭାବ ?

୪. ୧ ଯୋହନ ୩:୧୦-୧୬ ଅନୁସାରେ ଜଣେ ବିଶ୍ୱାସୀ କଣ କରିବ ?

୫. ୧ ଯୋହନ ୩:୧୨, ଅନୁସାରେ, କୟିନ ଆପଣା ଭାଇ ହେବଲକୁ କାହିଁକି ହତ୍ୟା କଲା ?

ଦିନ ୩

ଆଦିପୁସ୍ତକ ୪:୯-୧୬, ପାଠ କର

୧. ପଦଗୁଡିକ ଦିଅ ଯାହା ପ୍ରମାଣ କରେ ଯେ କୟିନ ଆପଣା ଭାଇ ହେବଲକୁ ହତ୍ୟା କରିବାର ପରିଣାମ ପାଇଁ ଦୁଃଖ ପ୍ରକାଶ କରିଥିବ କିନ୍ତୁ ପ୍ରକୃତରେ ସେ ସେଥିପାଇଁ ଅନୁତାପ କଲାନାହିଁ ।

୨. ୨ୟ ଶାମୁଏଲ ୧୨:୧୩ ଓ ଗୀତ ୫୧ ପାଠକର ଓ ଦାଉଦଙ୍କ କଥା ମନଭାବନା ଓ କୟିନଙ୍କର ଦଣ୍ଡନୀୟ ହେଲାପରେ କଥା ଓ ମନଭାବନା ସହ ତୁଳନା କର ।

୩. ୧ ଯୋହନ ୧:୫-୧୦, ଗୀତ ୩୪: ଏବଂ ଗୀତ ୬୬:୧୮, ପାପ ବିଷୟରେ ଏବଂ ପରମେଶ୍ୱର ଆମ୍ଭମାନଙ୍କୁ ଗ୍ରହଣ କରିବା ବିଷୟ କଅଣ କୁହେ ।

ଦିନ ୪

ଆଦି ପୁସ୍ତକ ୪:୧୬-୨୬, ପାଠକର

୧. ଏହି ଅଂଶ ନିମ୍ନୋକ୍ତ ବିଷୟକୁ କିପରି ପ୍ରକାଶ କଲେ ?

କ. କୟିନର ବଂଶ ପରମେଶ୍ୱରଙ୍କୁ ଅଣଦେଖା ଓ ଅବଜ୍ଞା କଲେ ?

ଖ. କୟିନର ବଂଶ ବହୁବିବାହ ଓ ହତ୍ୟା ଉପରେ ଗର୍ବିତ ହେଲେ ?

୨. ହେବଲଙ୍କ ମୃତ୍ୟୁ ପରେ ହବା କିପରି ପରମେଶ୍ୱରଙ୍କ ସାନ୍ତ୍ୱନା ଅନୁଭବ କଲେ? ତୁମର କଷ୍ଟର ମୂହୁର୍ତରେ ପରମେଶ୍ୱର ତୁମକୁ କିପରି ସାନ୍ତ୍ୱନା କଲେ (।। କରିନ୍ଥୀୟ ୧:୪)

୩. ଯିହୁଦା ୧୪, ୧୫; ଏବ୍ରି ୧୧:୫,୬ ରୁ ହନୋକଙ୍କ ବିଷୟରେ କି ଶିକ୍ଷା କରୁ?

୪. ହନୋକ ଯେପରି କଲେ ସେପରି ଆମ ବ୍ୟକ୍ତିଗତ ଜୀବନରେ କେଉଁ ଅଭ୍ୟାସ ବୃଦ୍ଧି କରିବାକୁ ହେବ ଯଦ୍ୱାରା ଆମ ପାରିବାରିକ ଜୀବନରେ ଓ ସମାଜରେ ଅନ୍ୟମାନଙ୍କୁ ପ୍ରଭାବିତ କରିପାରିବା (ମୀଖା ୬:୮, ଏବ୍ରି ୧୨:୧-୩ ଓ ୧ ଯୋହନ ୧:୭-୯, ମଧ୍ୟ ଦେଖ)

ଦିନ ୫

ଆଦି ପୁସ୍ତକ ୫ ପାଠ କର

୧. ଆମର ପାପର ପରିଣାମକୁ ଦର୍ଶାଇବାକୁ ଯାଇ "ତହୁଁ ସେ ମଲେ"ଭକ୍ତି ଆମେ କେତେଥର ଉଲ୍ଲେଖ ଥିବାର ଦେଖୁ ।

୨. ରୋମୀୟ ୫:୧୨ ଓ ୬:୨୩ ରେ ପାଉଲ ପାପ ଓ ମୃତ୍ୟୁ ବିଷୟରେ କଣ କହନ୍ତି ?

୩. ସବୁଠାରୁ ବୟସ୍କ ଲୋକ କିଏ ଥିଲେ ଓ ତାଙ୍କ ମୃତ୍ୟୁ ବେଳକୁ ତାକୁ କେତେ ବୟସ ହୋଇଥିଲା ?

ଦିନ ୬

ପାଠ ୩ : ମୋର ମାର୍ଗ ବା ପରମେଶ୍ୱରଙ୍କର ମାର୍ଗ

ଶାସ୍ତ୍ରାଂଶ : ଅଧ୍ୟାୟ ୪:୭, ସତ୍କର୍ମ କଲେ, କି ତୁମେ ଉର୍ଦ୍ଧ୍ୱମୁଖି ହେବ ନାହିଁ ? ସତ୍କର୍ମ ନ କଲେ, ପାପ ଦ୍ୱାରରେ ଛକି ଥାଏ, ତୁମ୍ଭ ପ୍ରତି ତାହାର ବାସନା ରହିବ, ମାତ୍ର ତୁମ୍ଭେ ତାହା ଉପରେ କର୍ତ୍ତୃତ୍ୱ କରିବ ।

ବିଷୟ ବାକ୍ୟ : ଅର୍ନ୍ତଜ୍ୱାଳା ଓ ବିଶ୍ୱାସର ଅଭାବରୁ, କୟିନ ଆପଣା ଭାଇ ହେବଲଙ୍କୁ ହତ୍ୟା କଲା ।

ଜୀବନ ପ୍ରଣାଳୀ : ବିଶ୍ୱାସ ବିନା ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରିବା  ଅସମ୍ଭବ ।

ସାରାଂଶ : ହବାଙ୍କ ପାଇଁ କୟିନ ପ୍ରଥମ ବାଳକ ଥିଲା । କି ଆନନ୍ଦ । ସେ ହୁଏତ ଆଶା କରୁଥିଲେ କୟିନ ଅଧ୍ୟାୟ ୩:୧୫ ରେ ପ୍ରତିଜ୍ଞା କରାଯାଇଥିବା ସନ୍ତାନ, କିନ୍ତୁ ଅଳ୍ପ ବର୍ଷ ପରେ ତା ପ୍ରତି କି ଦୁଃଖ ଆଣିଥିଲେ ।ହବାର ଆଉ ଏକ ପୁତ୍ର ସନ୍ତାନ ହେଲା ଓ ତାର ନାମ ସେ ହେବଲ ରଖିଲା । ଉଭୟ ବାଳକ ଜାଣିଥିଲେ ଯେ ପରମେଶ୍ୱରଙ୍କ ନିକଟକୁ ନୈବେଦ୍ୟ ଆଣିବା କର୍ତ୍ତବ୍ୟ, ମାତ୍ର ହେବଲର ନୈବେଦ୍ୟ ସନ୍ତୋଷକର ହୋଇଥିଲା । ଅଧ୍ୟାୟ ୪:୪ କହେ ସଦାପ୍ରଭୁ ହେବଲଙ୍କ ଓ ତାଙ୍କର ନୈବେଦ୍ୟକୁ ଗ୍ରାହ୍ୟ କଲେ । ଶାସ୍ତ୍ରାଂଶ ପରମେଶ୍ୱର କାହିଁକି କୟିନଙ୍କର ନୈବେଦ୍ୟକୁ ଗ୍ରାହ୍ୟ ନ କରି ହେବଲଙ୍କୁ ଗ୍ରାହ୍ୟ କଲେ କୁହେ ନାହିଁ । ଏହା ଏକ ପ୍ରକାର ଘଟଣା ହୋଇଥାଇପାରେ କୟିନ ରକ୍ତ ବିହିନ ନୈବେଦ୍ୟ ଆଣିଥିଲେ ଯେତେବେଳେ ପରମେଶ୍ୱର ଆଦମ ଓ ହବାକୁ ଢାଙ୍କିବା ପାଇଁ ଏକ ପଶୁକୁ ବଳି କରି ଗ୍ରହଣ ଯୋଗ୍ୟ ଉଦାହରଣ ସ୍ଥାପନ କରିଥିଲେ । ଏହି ରକ୍ତପାତ ଯୀଶୁଙ୍କ ଜଗତର ପାପ ପାଇଁ ବୁହାଇବା ରକ୍ତପାତର ଛାୟା ସଦୃଶ (୧ କରିନ୍ଥୀୟ ୫:୨୧) ମାତ୍ର ଯେବେ ଉଭୟ ବାଳକ ପରମେଶ୍ୱରଙ୍କୁ ପ୍ରାୟଶ୍ଚିତ ସ୍ୱରୂପ ରକ୍ତବଳିଦାନ ବିନା ଏକ ଉପହାର ଦେଇଥାନ୍ତେ । ତଥାପି କୟିନର ହୃଦୟ ବିଷୟ ରହିଥାନ୍ତା । ଏବ୍ରୀ ୧୧:୪ ଆମକୁ କୁହେ ଯେ ହେବଲ ତାଙ୍କ ନୈବେଦ୍ୟକୁ ବିଶ୍ୱାସରେ ଆଣିଲେ । କୟିନ ନୁହେଁ, ଯାହା ତାଙ୍କ ମନରଭାବ ଓ କର୍ମ ପ୍ରଦର୍ଶିତ ହେଲା ।

କୟିନର ନୈବେଦ୍ୟ ପତନର ମୁହୂର୍ତ୍ତ ହେଲା ଯାହା ତାହାଙ୍କ ସଦାପ୍ରଭୁଙ୍କ ପ୍ରତି ମନଭାବରେ ପ୍ରକାଶ କଲା ଓ ଦୁଷ୍ଟତାର ଫଳ ଉତ୍ପନ୍ନ କଲା । କୟିନ ଅବିଚାରିତ ବୋଲି ମଣିଲା ଓ ତାହାର ଅସନ୍ତୋଷତାର କାରଣ ଆପଣା ଭାଇକୁ ଦୋଷି କଲା । ଯାକୁବୁ: ୧-୨ରେ ଯାହା କୁହେ ସେ ସେଥିରେ ଉଦାହରଣ, "ତୁମ୍ଭମାନଙ୍କ ମଧ୍ୟରେ ଯୁଦ୍ଧ ଓ ବିବାଦ କେଉଁଠାରେ ହୁଏ  ? କଅଣ ତୁମ୍ଭମାନଙ୍କ ଅଙ୍ଗପ୍ରତ୍ୟେଙ୍ଗ ମଧ୍ୟରେ ଯୁଦ୍ଧ କରୁଥିବା ସୁଖାଭିଳାଷରୁ ନୁହେଁ ? ତୁମ୍ଭେମାନେ କାମନା କରିଥାଅ କିନ୍ତୁ ପାଇ ନ ଥାଅ ତୁମ୍ଭୋନେ ବଧ ଓ ଇର୍ଷା କରିଥାଅ, କିନ୍ତୁ ପ୍ରାପ୍ତ ହେବାକୁ ଅକ୍ଷମ ହୋଇଥାଅ, ତୁମ୍ଭେମାନେ ଯୁଦ୍ଧ ଓ ବିବାଦ କରିଥାଅ, ତୁମ୍ଭେମାନେ ପାଇ ନଥାଅ...। କୟିନ ତାଙ୍କ ନିଜ ଇଚ୍ଛାରେ ବାରିବାକୁ ଚାହିଁଲେ, ଓ ପରମେଶ୍ୱରଙ୍କୁ ତାଙ୍କ ପ୍ରମାଣେ ଉପାସନା କଲେ, ପ୍ରମାଣତଃ ତାଙ୍କ ନଜସ୍ୱ ମହିଁମା ପାଇଁ। ମହାଦୟାର ଗୁଣରେ ପରମେଶ୍ୱର କୟିନକୁ କହନ୍ତି ତୁମ ନିଜ କର୍ମ ଓ ମନ ତୁମକୁ ଦୋଷୀ କରୁଛି। ସେ କୟିନକୁ ତାଙ୍କ ଗର୍ବ ଓ ସ୍ୱାର୍ଥପରତା ପାଇଁ ଅନୁତାପ କରିବାକୁ ସତର୍କ କରାନ୍ତି ଓ ପାପକୁ ପ୍ରତିହତ କରି ଯାହା ତାଙ୍କୁ ନିୟନ୍ତ୍ରଣ କରେ। ଦୁର୍ଭାଗ୍ୟବସତଃ, କୟିନ ପରମେଶବରଙ୍କ ଉପଦେଶକୁ ଆଗ୍ରାହ୍ୟ କଲା ଓ ସେଚ୍ଛାକୃତଭାବେ ଆପଣା ଭାଇକୁ ହତ୍ୟା କଲା। ଯେତେବେଳେ ପରମେଶ୍ୱରଙ୍କ ଦ୍ୱାରା ବିଚାରିତ ହେଲେ ଓ ପାପ ପାଇଁ ପରିଣାମ ଦିଆଗଲା, ପୁନର୍ବାର କୟିନ ଅମଙ୍ଗ ହୋଇ ପରମେଶ୍ୱରଙ୍କ ବିରୁଧରେ ତିକ୍ତ ମନରେ ଅଭିଯୋଗ ଆଣିଲେ, ଯେତେବେଳେ ଚିତ୍କାରକରି କହିଲେ "ମୋହର ପରମେଶ୍ୱରଙ୍କ ବିରୁଧରେ ତିକ୍ତ ମନରେ ଅଭିଯୋଗ ଆଣିଲେ, ଯେତେବେଳେ ଚିତ୍କାର କରି କହିଲେ "ମୋହର ଦଣ୍ଡ

ଅସହ୍ୟ” (୪:୧୩) କୟିନଙ୍କର କ୍ଷତି ଅନନ୍ତକାଳୀନ ଥିଲା। ତାହାଙ୍କର କର୍ମ ତାଙ୍କ ହୃଦୟ ଭିତରେ ଛପି ପାପ ପ୍ରକାଶ କଲା। ଏହା ଆସ୍ମମାନଙ୍କ ପାଇଁ ମଧ୍ୟ ଏକ ଦୃଢ ସତର୍କ ଆସ୍ମମାନଙ୍କ ହଦୃୟରେ ଏଭଳି କିଛି ମନଭାବ ଅଛି କି ଯାହା କୁକ୍ରିୟା ଜାତ କରାଏ ? ଆସନ୍ତୁ ଈଶ୍ୱରଙ୍କ ସିଂହାସନ ନିକଟକୁ ଦୌଡୁ ଓ ଅନୁତାପରେ ତାହାଙ୍କ ଛାମୁରେ ନମ୍ର ହେଉ।
କୟିନ ସଦାପ୍ରଭୁଙ୍କ ସମ୍ମୁଖରୁ ବାହାରି ଗଲେ ଓ ଆପଣା ପରିବାର ଆରମ୍ଭ କଲେ। ତାହାଙ୍କ ବଂଶଧର ଅଧ୍ୟା ୪: ୧୬-୧୭ ମଧ୍ୟରେ ତାଲିକା କରାଗଲେ। ଦୁଃଖତଃ, କେବଳ ହନୋକ, କୟିନଙ୍କ ପ୍ରଥମ ପୁତ୍ର ପରମେଶ୍ୱରଙ୍କ ଅନୁଗାମିହେବା ଦେଖାଯାଏ। ହୁଏତ ପ୍ରଥମେ ହନୋକ ପରମେଶ୍ୱରଙ୍କ ଅନୁଗାମୀ ହୋଇ ନଥିବେ, ଏହା ଏପରି ଜଣାଯା, ଯେ ତାହାଙ୍କ ପୁତ୍ରଙ୍କ ଜନ୍ମପରେ ମନ ପରିବର୍ତନ କରିଥିଲେ। ତାହାର ବାକି ବର୍ଷ ଗୁଡିକ ହନୋକ ପରମେଶ୍ୱରଙ୍କ ସହ ଗମନାଗମନ କରିଥିଲେ। ତାହାର ନାମର ଅର୍ଥ “ସମର୍ପିତ” ଯେପରି ଜୀବନଯାପନ କରିଥିଲେ। କ୍ଷିଣ ବୟସରଙ୍କ ହିଁ ସେ ୩୦୦ ବର୍ଷ ପର୍ଯ୍ୟନ୍ତ ଆତ୍ମିକ ଶକ୍ତି ଓ ସୌନ୍ଦର୍ଯ୍ୟରେ ଜୀବନଯାପନ କରିଥିଲେ। ତାହା ଏକ ବିଶ୍ୱସ୍ତତାର ଏକ ଦୀର୍ଘ ସମୟ ଅଟେ। ଏବ୍ରୀ ୧୧:୫ କୁହେ ଯେ ହନୋକ ପରମେଶ୍ୱରଙ୍କୁ ସନ୍ତୋଷ କଲେ। ଏହା ସତ୍ୟ ଯେ, ସେ ଜୀବିତ ରହି ସ୍ୱର୍ଗକୁ ନିଆଗଲେ ଓ ମୃତ୍ୟୁକୁ ଆସ୍ୱାଦନ କଲେ ନାହିଁ।
ଆଦମ ଓ ହବାଙ୍କୁ ପରମେଶ୍ୱର ଆଉ ଏକ ସନ୍ତାନ ହେବଲଙ୍କ ବଦଳରେ ଆଶିର୍ବାଦ କଲେ ଓ ସେମାନେ ତାହାର ନାମ ଶେଥ ରଖିଲେ। ଅଧ୍ୟାୟ ୪ଶେଷରେ ଶେଥ ବଂଶର ପୂର୍ଣ୍ଣବିବରଣ ଦିଏ। ଶେଥ ଓ ତାହାର ବଂଶକୁ ଏଭଳି ବର୍ଣ୍ଣନା କରାଯାଏ ଯେଉଁମାନେ ‘ପରମେଶ୍ୱରଙ୍କ ନାମରେ ପ୍ରାର୍ଥନା କରିବାକୁ ଲାଗିଲେ” (୪:୨୬)। ଶେଥରେ ବଂଶ ଓ କୟିନର ବଂଶ ପାଖା ପାଖି ବାସ କରୁଥିଲେ ତଥାପି ସେମାନେ ନିଜ ପାଇଁ ନୁହଁ ପରମେଶ୍ୱରଙ୍କ ପ୍ରତି ବିଶ୍ୱାସ୍ତ ଜୀବନଯାପନ କରିବାକୁ ବାଛିଲେ।
୫ ଅଧ୍ୟାୟ ନୋହଙ୍କ ଈଶ୍ୱରପରାମଣ ବଂଶର ତାଲିକା କରେ, ଯେଉଁମାନେ ଏକ ମନ୍ଦ ଜଗତରେ ପରମେଶ୍ୱରଙ୍କ ପ୍ରତି ଫେରିଲେ। ଆମେ ସେହି ବଂଶାବଳୀ ଗୁଡିକରେ ଦେଖୁ ଯେ ବ୍ୟକ୍ତିଗତଭାବେ ମନୁଷ୍ୟ ମାନେ ପରମେଶ୍ୱରଙ୍କ ପାଇଁ ଗୁରୁତ୍ୱଥିଲେ। ତେଣୁ ପରମେଶ୍ୱର ଲୋକମାନଙ୍କୁ ନାମ ନେଇ ସେମାନଙ୍କ ଜୀବନ କାଳକୁ ଓ ବଂଶଧରକୁ ଦର୍ଶାଇ ଡ଼ାକୁଥିଲେ। ଏହି ଶେଥଙ୍କ ବଂଶଧରରୁ ଯୀଶୁଖ୍ରୀଷ୍ଟ ଜନ୍ମିଲେ। ଆହୁରି ଗୁରୁତ୍ୱଭାବେ ଆମେ ଦେଖୁ ଯେ ପ୍ରତିବଂଶର ନର ନାରୀମାନେ ନିଜ ଇଚ୍ଛାରେ ଚାଲିଲା ପରି ନୁହେଁ ବରଂ ପରମେଶ୍ୱରଙ୍କ ପ୍ରତି ବିଶ୍ୱାସ ଓ ଆଜ୍ଞାବହତାକୁ ବାଛିଲେ। ଏହା ଏକ ହୃଦୟର କଥା ତୁମେ ତୁମର ମାର୍ଗ ନା ତାହାଙ୍କ ମାର୍ଗ ବାଛିବ ?
ବିଶ୍ୱାସ ବିନା ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରିବା ଅସମ୍ଭବ।

## ଆଦି ପୁସ୍ତକ: ପ୍ରାରମ୍ଭର ଏକ ଅଧ୍ୟୟନ

## ପାଠ ଚାରି

ବିଷୟ ବାକ୍ୟ : ପରମେଶ୍ୱର ଦୁଷ୍ଟର ବିଚାର କରନ୍ତି ଓ ଧାର୍ମିକକୁ ରକ୍ଷା କରନ୍ତି।

ଦିନ ୧

ଅଦିପୁସ୍ତକ ୬୧-୧୨, ୨ପିତର ୨:୪-୯, ୩:୧-୧୦, ଯିହୁଦା ୫-୭, ପାଠକର।

୧. ପୃଥିବୀରେ ଥିବା ଦୁଷ୍ଟତାର ବର୍ଣ୍ଣନା କର।

୨. ପୃଥିବୀର ପରିସ୍ଥିତିକୁ ନେଇ ପରମେଶ୍ୱରଙ୍କ ଭାବନାକୁ ବର୍ଣ୍ଣନା କର।

୩. ଏହି ଅଂଶରୁ ପରମେଶ୍ୱରଙ୍କ ଗୁଣ ବିଷୟରେ କି ଶିକ୍ଷା କରିପାରିବା ?

୪. ଜଳପ୍ଲାବନ ଜନିତ ବିଚାରଦଣ୍ଡର କାରଣ କଣ ଥିଲା ବୋଲି ତୁମେ କହିପାର ? କାହିଁକି ସେ ଅନେକ ସମୟ ଅପେକ୍ଷା କଲେ ? (ଆଦିପୁସ୍ତକ ୧୫:୧୬ ଓ ୨ୟ ପିତର ୩:୯)

୫. ପରମେଶ୍ୱର କଣ ଭାବିଲେ ଯେତେବେଳେ ସେ କହିଲେ ଯେ ମନୁଷ୍ୟ ଦିନ "୧୨୦ ବର୍ଷ ହେବ" ? (ଆଦିପୁସ୍ତକ ୬:୩. ୧ମ ପିତର ୩:୨୦)

ଦିନ ୨

ଆଦି ପୁସ୍ତକ ୬:୮ -୨୨, ପାଠକର

୧. ନୋହ ଜାହଜ ମଧ୍ୟକୁ ଯିବାର ସମୟ ହୋଇ ଗଲା ବୋଲି କିପରି ଜାଣିଲେ ?

୨. କେଉଁ ମାନଙ୍କୁ ସେ ତାହାଙ୍କ ସହିତ ଜାହାଜ ମଧ୍ୟକୁ ନେଇଗଲେ ?

୩. କିଏ ଦ୍ୱାର ବନ୍ଦ କଲେ ?

୪. ପୃଥିବୀରେ କେତେଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିଲା ?

୫. ପଦ ୧୭-୨୧ ନୁସାରେ ଜଳ କେତେ ଉଚ୍ଚ ପର୍ଯ୍ୟନ୍ତ ଉଠିଲା ଓ ଫଳାଫଳ କଣ ଥିଲା ?

ଦିନ ୩

ଆଦିପୁସ୍ତକ ୬:୯-୮:୧୯ ଓ ଏବ୍ରୀ ୧୧:୭ ପାଠ କର

୧. ନୋହଙ୍କ କେଉଁ ବିଷୟ ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରିଥିଲା ?

୨. ଜଳ ପ୍ଲାବନ ପୂର୍ବରୁ ବର୍ଷା ହୋଇଥିଲା କି ? ପଦପର୍ବ ଦିଅ ।

୩. ଜଳପ୍ଲାବନ ବିଷୟରେ କେଉଁ ଶବ୍ଦମାଳା ଦର୍ଶାଏ ଯେ ପୃଥିବୀର ଭୟଙ୍କର ପରିବର୍ତନ ସହ ସାଧିତ ହୋଇଆସିଥାନ୍ତି ।

୪. ପରମେଶ୍ୱର ନୋହଙ୍କୁ କିପରି ସାହାଯ୍ୟ କଲେ ଓ ନୋହଙ୍କ ପାଇଁ ଚିନ୍ତା କଲେ ?

୫. ତୁମ ପାଇଁ ପରମେଶ୍ୱର କେଉଁ କେଉଁ ଦିଗରେ ତାଙ୍କର ଚିନ୍ତା ଓ ସୁରକ୍ଷା ଦର୍ଶାଇଛନ୍ତି ?

ଦିନ ୪

ଆଦି ପୁସ୍ତକ ୭:୧୧-୨୪, ମାଥିଉ ୨୪:୩୬-୪୨, ଲୁକ ୧୭:୨୬-୨୭, ପାଠକର

୧. ମାଥିଉ ଓ ଲୁକରେ ଲୋକମାନେ ନୋହଙ୍କ ଦିନର ଲୋକମାନଙ୍କ ପରି କିପରିଥିଲେ ?

୨. ସେମାନେ କେଉଁ ବିଷୟ କରିବାକୁ ଭୁଲିଗଲେ ଯାହା ପରମେଶ୍ୱର ଆମକୁ କରିବାକୁ ଚାହିଁଲେ ?

୩. ଆଜି ଦିନ ପାଇଁ ସେଥିପାଇଁ ଖ୍ରୀଷ୍ଟ ଆମ୍ଭମାନଙ୍କ କେଉଁ ସତର୍କତା କରାଇଛନ୍ତି । ଆଜିକ ପିତର ୩:୩ -୭ କୁ କିପରି ବ୍ୟବହାର କରିବା ?

ଦିନ ୫

ଆଦି ୬:୧-୭:୨୪ ପାଠ କର

୧. ପରମେଶ୍ୱରଙ୍କ ଚରିତ୍ରରୁ ଆମେ କି ଶିକ୍ଷା କରୁ ?

୨. ଏହି ସପ୍ତାହରେ କୌଣସି ଜଣକୁ ଆର୍ଶୀବାଦ କରିବାପାଇଁ ତୁମେ କଣ କରିପାର ?

ଦିନ ୬

ପାଠ ୬

ପାଠ: ଦୁଷ୍ଟ ସାବଧାନ ହେଉ"

শାସ୍ତ୍ରାଂଶ: ଅଧ୍ୟାୟ ୬,୭

ମୁଖ୍ୟପଦ : ଅଧ୍ୟାୟ ୬:୧୭, ୧୮ "ପୁଣି ଆକାଶ ତଳେ ପ୍ରାଣବାୟୁ ବିଶିଷ୍ଟ ଯେତେ ଜୀବଜନ୍ତୁ ଅଛନ୍ତି,

ସେହି ସବୁ ବିନଷ୍ଟ କରିବା ନିମନ୍ତେ, ଆମ୍ଭେ, ଦେଖ, ଆମ୍ଭେ ପୃଥିବୀ ଉପରେ ଜଳପ୍ଲାବନ କରିବା, ତହିଁରେ ପୃଥିବୀର ସମସ୍ତ ପ୍ରାଣୀ ପ୍ରାଣତ୍ୟାଗ କରିବେ। ମାତ୍ର ଆମ୍ଭେ ତୁମ୍ଭ ସହିତ ଆପଣା ନିୟମ ସ୍ଥିର କରିବା, ତହିଁରେ ତୁମ୍ଭେ ଆପଣା ପୁତ୍ରମାନଙ୍କୁ ଓ ଭାର୍ଯ୍ୟା ଓ ପୁତ୍ର ବଧୂମାନଙ୍କୁ ସଙ୍ଗରେ ଘେନି ଜାହଜରେ ପ୍ରବେଶ କରିବ।

ବିଷୟ ବାକ୍ୟ: ପରମେଶ୍ୱର ଦୁଷ୍ଟର ବିଚାର କରନ୍ତି ଓ ଧାର୍ମିକଙ୍କୁ ରକ୍ଷା କରନ୍ତି।

ଜୀବନ ପ୍ରଣାଳୀ: ନୋହଙ୍କ ଆଜ୍ଞାବହତା ତାହାଙ୍କ ପ୍ରତି, ତାହାଙ୍କ ପରିବାର ପ୍ରତି ଏବଂ ଭବିଷ୍ୟତ ବଂଶଧର ପ୍ରତି ଅନେକ ଆଶିର୍ବାଦର କାରଣ ହେଲା

ସାରାଂଶ : ଆଦିପୁସ୍ତକ ୬: ୧-୪,ର ଭିନ୍ନ ଭିନ୍ନ ତର୍ଜମାମାନ ଅଛି। ଏକ ତର୍ଜମା ସୂଚାଏ " ପରମେଶ୍ୱରଙ୍କ ପୁତ୍ରଗଣ" ଶେଥଙ୍କର ବଂଶରୁ। ଏହି ମନୁଷ୍ୟମାନେ ପରମେଶ୍ୱରଙ୍କ ପୁତ୍ରଗଣ ଡକାଯାନ୍ତି କାରଣ ସେମାନଙ୍କ ଈଶ୍ୱର ପରାୟଣତା ଓ ବ୍ୟକ୍ତିଗତ ଆତ୍ମିକତା ପାଇଁ । ବିପରୀତରେ, ମାନବ କନ୍ୟାଗଣ କୟିନଙ୍କର ଈଶ୍ୱର ବିହୀନ ନାରୀ ବଂଶଧରମାନେ। ଅସନ୍ତୋଷ ସହ ଏହି ମିଶ୍ରିତ ବିବାହ ଓ ମନୁଷ୍ୟର ପତନ ଫଳ ପାଇଁ, ପରମେଶ୍ୱର ଜୀବନର ସମୟକୁ ସୀମିତ ଓ ପରିସମାପ୍ତିରେ, ଜଳପ୍ଲାବନ ଜନିତ ବିଚାର ଦଣ୍ଡ ଆଣିଲେ ଦ୍ୱିତୀୟ ତର୍ଜମାନେ ଏହା ଅଟେ ଯେ "ପରମେଶ୍ୱରଙ୍କ ପୁତ୍ରଗଣ" ପତିତ ଦୂତଗଣ, ଯେଉଁମାନେ ସ୍ୱର୍ଗ ଛାଡି ପୃଥିବୀରେ ରହିଲେ ଓ ମାନବୀୟ ସ୍ତ୍ରୀମାନ ବିବାହ କଲେ। "ପରମେଶ୍ୱରଙ୍କ ପୁତ୍ରଗଣ" ଶବ୍ଦକୋଷ ଆୟୁବ ୧:୬, ୨:୧ ଓ ୩୮:୭, ରେ ଦେଖାଯାଏ, ଯେଉଁଠାରେ ଏହାକୁ "ଦୂତଗଣ" ବୋଲି ତର୍ଜମା କରାଯାଇଛି। ନୂତନ ନିୟମର ଦୁଇଟି ଶାସ୍ତ୍ରାଂଶ ।। ପିତର ୨:୪,୫ ଓ ଯିହୁଦା ୬,୭ ଏହି ତର୍ଜମା କରାଯାଇଛି। ନୂତନ ନିୟମର ଦୁଇଟି ଶାସ୍ତ୍ରାଂଶ ।। ପିତର ୨:୪,୫ ଓ ଯିହୁଦା ୬,୭ ଏହି ତର୍ଜମାକୁ ସହଯୋଗ କରେ।

ଯାହା ସ୍ପଷ୍ଟ ତାହା ଏହା ଅଟେ ୬: ୧-୪, ମାନବ ଜାତିର ବିପଥଗମନ ଦେଖାଏ। ଏହି ବିପଥଗମନ ପରମେଶ୍ୱରଙ୍କ ବିନାଶକାରୀ ଜଳପ୍ଲାବନ ଜନିତ ବିଚାରଦଣ୍ଡ ଆଣିବାକୁ ତ୍ୱରିତ କଲା। ସମସ୍ତ ଲୋକ ବିନାଶ ହେବେ। ଜଳସମୂହ ପର୍ବତଠାରୁ ଉଚ୍ଚରେ ଉଠିଲା ୭:୧୯-୨୦, ଓ ପ୍ଲାବନ ଜଳ ଏକ ବର୍ଷରୁ ଉର୍ଦ୍ଧ ରହିଲା (୭:୬ ଓ ୮:୧୩) ଓ ସମଗ୍ର ବିଶ୍ୱକୁ ଢାଙ୍କିଲା (।। ପିତର ୩:୩-୭) ଆମକୁ ଅଣଦେଖା କରିବାର ନାହିଁକି ? ପରମେଶ୍ୱରଙ୍କ ହୃଦୟ ପ୍ରତିହିଂସା ପରାୟଣ ନୁହେଁ, ମାତ୍ର ମନୁଷ୍ୟର ପାପ ପାଇଁ ଗଭୀର ଦୁଃଖ ବେଦନା ଉଭୟ ଦୁଷ୍ଟ ଓ ଧାର୍ମିକ ମାନଙ୍କ ପାଇଁ ଜଳପ୍ଲାବନ ଏକ ଦୟାର କାର୍ଯ୍ୟ ଥିଲା। ଏହି ବିନାଶକାରୀ ପଥରେ ମନୁଷ୍ୟଜାତି ରହିଯାଉ ବୋଲି ପରମେଶ୍ୱର ଅନୁମତି ଦେଲେ ନାହିଁ।

ପରମେଶ୍ୱର ଆପଣା ଯୋଜନାକୁ ନୋହ ଠାରେ ପ୍ରକାଶ କଲେ ଓ ନୋହ ପରମେଶ୍ୱରଙ୍କୁ ବିଶ୍ୱାସ କଲେ। ପରମେଶ୍ୱର ଯାହା କହିଲେ ତାହା କରିବା ଦ୍ୱାରା ଆପଣା ବିଶ୍ୱାସକୁ ପ୍ରମାଣିତ କଲେ ଓ ତାହା ତାହାଙ୍କ ପ୍ରତି ଧାର୍ମିକ ଗଣିତ କଲା। (ଏବ୍ରୀ ୧ ୧:୭) ପରମେଶ୍ୱରଙ୍କଠାରୁ ଶୁଣିଥିବା ବିଷୟ ଏକ ମରୁପ୍ରାନ୍ତରରେ ଏକ ଜାହାଜ ନିର୍ମାଣ କରିବାକୁ ସେ କୁହନ୍ତି ଯେ, ପ୍ରତିବର୍ଷ ବର୍ଷା ପୂର୍ବରୁ ଠିକ୍ ପରିମାଣରେ ବର୍ଷା ହୋଇନାହିଁ। ଭାବ ତୁମ ପିଲାମାନଙ୍କୁ ଓ ସେମାନଙ୍କ ସ୍ତ୍ରୀମାନଙ୍କୁ ଏହା

ବୁଝାଇ ମଣାଇ ପାରିବ କି ? ବିଶ୍ୱାସର ମାନବ ନୋହ । ସେ କାଷ୍ଠ ସବୁ ପ୍ରସ୍ତୁତ କଲେ, ପ୍ରଚାର କଲେ ଓ ସମ୍ପୂର୍ଣ୍ଣ ୧୨୦ ବର୍ଷ ପରିହାସ ସହ୍ୟ କଲେ ଯେତେବେଳେ ସମସ୍ତେ ଆଗାମି ବିଚାର ଦଣ୍ଡ ବିଷୟ ବର୍ଣ୍ଣନା କରିବାକୁ ଚାହୁଁଥିଲେ ତାହା ଯେପରି ବିଜ୍ଞାନର ଉଦ୍‌ଭାବନ ପରି ଲାଗୁଥିଲା । ନୋହ ଓ ତାଙ୍କ ପରିବାର ପାଇଁ କୌଣସି ଛୋଟ କାର୍ଯ୍ୟ ନଥିଲା ଏବଂ ଦୁଃର୍ଭାଗ୍ୟ ବିଷୟ ସେମାନେ ଦୁଃଖରେ ଭାଙ୍ଗିପଡିଥିଲେ କି ସେମାନଙ୍କୁ ବାରମ୍ବାର ସତର୍କ ବାଣୀ ଓ ନିରନ୍ତର ପ୍ରଚାରକୁ କେହି ହେଲେ ଜଣେ ମଧ୍ୟ ଗ୍ରହଣ କରୁନଥିଲେ । ତଥାପି, ତାଙ୍କର ବହୁବର୍ଷର ସଯତ୍ନ କର୍ମ ଫଳହୀନ ହେବା ସତ୍ୟ, ନୋହ ଓ ତାଙ୍କ ପରିବାର ପରମେଶ୍ୱରଙ୍କ ବିଶ୍ୱସ୍ତତା ଦେଖିଲେ ।

ଏହାଧନ ଦେବା କୌତୁହଳ ବିଷୟ କି ନୋହ ନାମର ଅର୍ଥ "ବିଶ୍ରାମ" । ଏପରି ଦୁଷ୍ଟ ଜଗତବାସୀ ମଧ୍ୟରେ ବାସ କରି, ସେମାନଙ୍କ ପିତାମାତା ଭବିଷ୍ୟତ ଯେ ପରିବର୍ତ୍ତନ ହେବ, ଆଶା ଦେଇ ସାନ୍ତ୍ୱନା ଦେଉଥିଲେ । ସେମାନଙ୍କର ପାପ ବିରୁଦ୍ଧରେ ସଂଗ୍ରାମରୁ ସେମାନେ ବିଶ୍ରାମ ଲୋଡୁଥିଲେ । ନୋହଙ୍କ ଜାହାଜ ବିଶ୍ରାମ ଓ ଆଶା ପ୍ରଦାନ କରୁଥିଲା । ଏହା ପୁରାତନ ନିୟମରେ ଖ୍ରୀଷ୍ଟଙ୍କ ଏକ ଛବି, ଆଶା ଓ ଭରସାର ସ୍ଥାନ ଯାହା ଆମ୍ଭଙ୍କୁ ପାପଠାରୁ ରକ୍ଷା କରେ ଓ ପରମେଶ୍ୱରଙ୍କ କ୍ରୋଧରୁ ଆମ୍ଭମାନଙ୍କୁ ଆଶ୍ରୟ ପ୍ରଦାନ କରେ ।

ନୋହଙ୍କ ଆଜ୍ଞାବହତା ତାହାଙ୍କ ପ୍ରତି ତାହାଙ୍କ ପରିବାର ପ୍ରତି ଏବଂ ଭବିଷ୍ୟତ ବଂଶଧର ପ୍ରତ ଅନେକ ଆଶିର୍ବାଦର ଫଳ ହେଲା" ।

## ପାଠ ୫

ଵିଷୟ ବାକ୍ୟ : ପରମେଶ୍ୱର ନୋହ ଓ ସମଗ୍ର ମାନବ ଜାତି ସହ ଏକ ନିଃସର୍ତ୍ତ ନିୟମ ସ୍ଥାପନ କରିବାରେ ପଦକ୍ଷେପ ନେଲେ।

ଦିନ ୧

ଆଦିପୁସ୍ତକ ୮:୧-୧୯ ପାଠକର

୧. ୮ ଅଧ୍ୟାୟ ପ୍ରଥମ ପଦରେ ନୋହ ଓ ତାଙ୍କ ପରିବାର ପ୍ରତି ପରମେଶ୍ୱରଙ୍କ ଚିନ୍ତା କରିବା ବିଷୟ କିପରି ଦେଖୁ ?
୨. ଜାହାଜ ଆସି କେଉଁଠାରେ ଲାଗିଲା ?
୩. କେତେଦିନ ବିତିଲା ପରେ ନୋହ ଝରକା ଖୋଲିଲେ ?
୪. କେଉଁ ୨ ପକ୍ଷୀଙ୍କୁ ନୋହ ବାହାରକୁ ଛାଡିଲେ ଓ କଣ ଘଟିଲା ?
୫. ଜାହାଜ ଛାଡିବା ସୁରକ୍ଷିତ ଓ ଉପଯୁକ୍ତ ସମୟ ଏହା ନୋହ କିପରି ଜାଣିଲେ ?

ଦିନ ୨

ଆଦିପୁସ୍ତକ ୮:୨୦-୨୨, ପାଠ କର

୧. ଯେତେବେଳେ ନୋହ ଜାହାଜ ଛାଡିଲେ ସେ ପ୍ରଥମେ କଣ କଲେ ?
୨. ଏହି କାର୍ଯ୍ୟ ନୋହଙ୍କ ବିଷୟରେ କଣ କୁହେ ?
୩. ଆଦିପୁସ୍ତକ ୮:୨୧, ମାନବ ଜାତି ବିଷୟରେ ଆମକୁ କଣ କୁହେ ?

ଦିନ ୩

ଯୋହନ ୨:୨, ଗୀତ ୫୧:୧୭, ରୋମୀୟ ୧୨:୧ ଓ ଏବ୍ରୀ ୧୩:୧୫-୧୭ ପାଠ କର

୧. ଆମ୍ଭେମାନେ ପରମେଶ୍ୱରଙ୍କ ପ୍ରତି ପଶୁବଳି ଆଉ କାହିଁକି ଉତ୍ସର୍ଗ କରୁ ନାହୁଁ ?
୨. ପରମେଶ୍ୱରଙ୍କୁ ଏବେ ସନ୍ତୁଷ୍ଟ କଲାପରି କେଉଁ ବଳି ଉତ୍ସର୍ଗ କରିପାରିବା ? (ରୋମୀୟ ୧୨:୧)

ଦିନ ୪

ଆଦିପୁସ୍ତକ ୯:୧-୭ ପାଠକର

୧. କେଉଁ ଅନନ୍ତକାଳୀନ ପ୍ରତିଜ୍ଞା ପରମେଶ୍ୱର ନୋହଙ୍କୁ ଏଠାରେ ଦେଲେ ?
୨. ପରମେଶ୍ୱର ନୋହଙ୍କୁ କଣ କରିବାକୁ ଓ ନକରିବାକୁ କହିଲେ ?

୩. ଅନ୍ୟଜଣେ ବ୍ୟକ୍ତିର ଜୀବନକୁ ନେଇଯିବା ଭୁଲ ତାହାର ପ୍ରାଥମିକ କାରଣ କଣ ?
୪. ମନୁଷ୍ୟର ଜୀବନ ପରମେଶ୍ୱରଙ୍କ ଦୃଷ୍ଟିରେ ଯେ ବହୁମୂଲ୍ୟ ଅନ୍ୟମାନଙ୍କୁ କିପରି ଦେଖାଇ ପାରିବ ?
୫. ଜୀବନ ଏତେ ବହୁମୂଲ୍ୟ କାହିଁକି ?

ଦିନ ୫

ଆଦି ପୁସ୍ତକ ୯:୮-୧୭, ପାଠକର

୧. ପଦ ୯ ରେ କାହା ପାଇଁ ନିୟମକୁ ପୁନଃରାବୃତି କରାହେଲା ?
୨. ପରମେଶ୍ୱରଙ୍କ ପ୍ରତିଜ୍ଞା କେଉଁ ଚିହ୍ନ ଆମ୍ଭମାନଙ୍କୁ ସ୍ମରଣ କରାଇ ଦିଏ ?
୩. ପରମେଶ୍ୱର ତାଙ୍କ ପ୍ରତିଜ୍ଞା କି ରକ୍ଷା କରିଛନ୍ତି ? ଏହା ତୁମ ପାଇଁ ଅର୍ଥପୂର୍ଣ୍ଣ କାହିଁକି ଅଟେ ?

ଦିନ ୬

ପାଠ ୫: "ନୋହଙ୍କ ନିୟମ"

ଶାସ୍ତ୍ରାଂଶ: ଅଧ୍ୟାୟ ୮:୯

ମୁଖ୍ୟପଦ: ଅଧ୍ୟାୟ ୯:୯ " ଦେଖ, ତୁମ୍ଭମାନଙ୍କ ସହିତ, ତୁମ୍ଭମାନଙ୍କ ଭବିଷ୍ୟତ ବଂଶ ସହିତ ଆମ୍ଭେ ଆପଣା ନିୟମ ସ୍ଥିର କଲୁ।"

ବିଷୟ ବାକ୍ୟ: ପରମେଶ୍ୱର ନୋହ ଓ ସମଗ୍ର ମାନବ ଜାତି ସହ ଏକ ନିଃସ୍ୱାର୍ଥମୂଳକ ନିୟମର ସ୍ଥାପନା କଲେ।

ଜୀବନ ପ୍ରଣାଳୀ: ପରମେଶ୍ୱରଙ୍କ ପ୍ରତି ଆଜ୍ଞାକାରିତା ଅସମ୍ଭବକୁ ସମ୍ଭବ କରିଥାଏ।

ସାରାଂଶ: ନୋହଙ୍କ ଜାହାଜ ମଧ୍ୟରୁ ବାହାର ଆସିବା ନୂତନ ପ୍ରାରମ୍ଭର ଏକ ଇତିହାସ ଆରମ୍ଭ କଲା ନୋହ ସମଗ୍ର ମାନବଜାତି ସହ ଏକ ନିୟମ ତିଆରି ହେଲା। ଏହା ମନୁଷ୍ୟ ଜୀବନର ଧାରାନୁକ୍ରମ ପାଇଁ ପରମେଶ୍ୱରଙ୍କ ପ୍ରାବଧାନ ଥିଲା।

୧. ପ୍ରଥମତଃ, ପ୍ରକୃତି ଉପରେ ନିର୍ଭରଶୀଳ କରାଇଲା, ଜଗତରେ ହଠାତ୍ ବିପର୍ଯ୍ୟୟରୁ ପ୍ରତିଜ୍ଞାର ମେଘଧନୁ ଦ୍ୱାରା ରକ୍ଷା କରାହେଲା।
୨. ଦ୍ୱିତୀୟ ସମସ୍ତ ଜୀବଜନ୍ତୁ ଓ ହରିତଶାକର ଜୀବନ, ମନୁଷ୍ୟର ଆହାର ପାଇଁ ଦିଆଗଲା। ଜଳ ପ୍ଲାବନ ପୂର୍ବରୁ ମନୁଷ୍ୟର ଆହାର ଫଳ ଓ ପନିପରିବାରେ ସୀମିତ ଥିଲା।
୩. ତତ୍‌ପରେ, ଜୀବନ ନେବା (ହରଣ କରିବା) କେବଳ ପରମେଶ୍ୱରଙ୍କ ଅଧିକାର ହେଲା। ସତର୍କବଣୀ ଥିଲା "ଯେ କେହି ମନୁଷ୍ୟର ରକ୍ତପାତ କରିବ, ମନୁଷ୍ୟ ଦ୍ୱାରା ତାହାର ରକ୍ତପାତ କରାଯିବ, ଯେହେତୁ ପରମେଶ୍ୱର

ଆପଣା ପ୍ରତି ମୂର୍ତିରେ ମନୁଷ୍ୟକୁ ନିର୍ମାଣ କରିଅଛନ୍ତି । ଏହାକୁ ପରେ ଯାତ୍ରା ପୁସ୍ତକ ୨୦:୧୩, ପୁନରାବୃର୍ତି ହେଲା, 'ତୁମ୍ଭେ ନରହତ୍ୟା କରିବ ନାହିଁ ।" ମନୁଷ୍ୟକୁ ତାହାର ସୃଷ୍ଟିକର୍ତାଦ୍ୱାରା ଯେ ମନୁଷ୍ୟ ଉପରେ ମହାମୂଲ୍ୟ ରଖିଲେ ଏହାକୁ ଅଧିକାର ସ୍ୱରୂପେ ତାହାକୁ ଦିଆଯାଇଅଛି ।

୪. ପୁନର୍ବାର ପ୍ରଜାବନ୍ତ ଓ ବହୁବଂଶ ହେବାକୁ ଆଦେଶ ଦିଆହେଲା ।

ନିରନ୍ତର ସ୍ମରଣ ରଖି ଏହି ସମସ୍ତରେ ଜୀବନ ଧାରଣ କରିବାକୁ ହେବ ଯେ " ବାଲ୍ୟକାଳଠାରୁ ମନୁଷ୍ୟର ମନର କଳ୍ପନା ମନ୍ଦ" (୮:୨୧) ମନୁଷ୍ୟର ଜୀବନ ତାହାଙ୍କ ଅନୁଗ୍ରହରେ ଯେ ପର୍ଯ୍ୟନ୍ତ ପୃଥିବୀ ଥିବ ରହିବ (୮:୨୨) ପରମେଶ୍ୱର ଉଭୟ ନ୍ୟାୟୀ ଓ କରୁଣାମୟ ଅଟନ୍ତି । "ନୋହଙ୍କ ନିୟମରେ" ତାହାଙ୍କ କରୁଣାକୁ ପ୍ରଦର୍ଶନ କଲେ । (୯:୮-୧୭) ଯେଉଁଠାରେ ସେ ଜଳପ୍ଲାବନ ଦ୍ୱାରା ମନୁଷ୍ୟ ଓ ପ୍ରାଣୀମାନଙ୍କର ପ୍ରାଣ ଆଉ ଉଚ୍ଛିନ୍ନ କରିବେ ନାହିଁ ପ୍ରତିଜ୍ଞା କଲେ । ଏହା ଏକ ବିନା ସର୍ତର ନିୟମ । ତାହାଙ୍କ ଅନୁଗ୍ରହ ହେତୁ, ପରମେଶ୍ୱରସରଳଭାବେ ପ୍ରତିଜ୍ଞା କଲେ ଓ ଏକ ଚିହ୍ନ ଦ୍ୱାରା ମୁଦ୍ରାଙ୍କ କଲେ । ସେହି ମୁଦ୍ରାଙ୍କ ମେଘଧନୁ । ଆମେ କେବଳ ପରମେଶ୍ୱରଙ୍କ "ମେଘର ବାଦଲରେ ଧନୁ" ର ଅର୍ଦ୍ଧେକ ଦେଖିଥାଉ । ଯଦ୍ୟପି ଯିହିଜିକଲ ତାହାଙ୍କ ପୁସ୍ତକରେ ପରମେଶ୍ୱରଙ୍କ ମହିମାର ଦର୍ଶନରେ ପୂର୍ଣ୍ଣଧନୁର ଦର୍ଶନରେ ପୂର୍ଣ୍ଣଧନୁକୁ ମିଳାଇଛନ୍ତି (ଯିହିଜିକଲ ୧:୨୮) ପ୍ରକାଶିତ ବାକ୍ୟ ୪:୩ରେ ପ୍ରେରିତ ଯୋହନ ମଧ୍ୟ ପୂର୍ଣ୍ଣଧନୁର ଦର୍ଶନ ଦେଖିଲେ । ବର୍ତମାନ ଆମେ ଏବେ ଏକ ଛାୟାକୁ ଦେଖୁଛୁ । କିନ୍ତୁ ଦିନେ ମନୁଷ୍ୟ ପ୍ରତି ତାହାଙ୍କ ଦୟା, ତାହାଙ୍କ ପ୍ରେମ, ତାହାଙ୍କ ଜ୍ଞାନ, ତାହାଙ୍କ ମହିମାର ପୂର୍ଣ୍ଣ ଆକାରକୁ ଦେଖିବା ବୁଝିପାରିବା ।

ଜଗତରେ ପୁନଃ ଜନବହୁଳତା କେବଳ ନୋହଙ୍କର ତିନିପୁତ୍ର ଶେମ, ହାମ ଓ ଯେଫତ୍ଙ୍କ ଦେଇ ଆସିଲା । (୯:୧୮-୧୯) । ଏହା ଆମକୁ ଏକ ଆଶ୍ଚର୍ଯ୍ୟକର ଓ ଗୁରୁତ୍ୱପୂର୍ଣ୍ଣ ନୋହର ନିଶାଶକ୍ତ ହେବା ଓ ଆପଣା ପୁତ୍ରମାନଙ୍କର କର୍ମର କାହାଣୀକୁ ମିଳିତ କରାଇ ଆଗେଇ ନେଇଯାଏ । ହାମ ଅଭିଶପ୍ତ ହେଲା କାରଣ ସେ ତାହାର ପିତାକୁ "ଦେଖିଲା", ଏକ ଦୃଷ୍ଟି, ଅର୍ଥ ଆନନ୍ଦର ନିରୀକ୍ଷଣ, ହୋଇଥାଇପାରେ ମନ୍ଦଭରା ଚିନ୍ତା । ଏଥିସହ ହାମ ଆପଣା ଭାଇମାନଙ୍କୁ ସେହି ଘଟଣାକୁ ପୁନରାବୃର୍ତି କରାଇଲା । ଶେମ ଓ ଯେଫତ ଆପଣା ପିତାର ଲଜ୍ଜାବସ୍ଥାକୁ ଦେଖିବାକୁ ମନାକଲେ, ତଦ୍ୱାରା ଆପଣା ପିତାଙ୍କର ସମାଦର କଲେ । ସେମାନେ ପରମେଶ୍ୱରଙ୍କ ଅନୁମତିକୁ ଜୟ କଲେ । ତାହାର ପାପ ସତ୍ୱେ ହାମର ବଂଶ ଦୃଷ୍ଟିର ଯୋଗ୍ୟ । ସଦୋନୀୟମାନେ ହାମର ବଂଶଧର ଓ ପରମେଶ୍ୱରଙ୍କ ବିଚାର ଦଣ୍ଡ ଭୋଗିଲେ, ତଥାପି ସେଥିପୂର୍ବରୁ ନୁହେଁ ଯେପର୍ଯ୍ୟନ୍ତ ପରମେଶ୍ୱର ସେମାନଙ୍କୁ ମନପରିବର୍ତନ ପାଇଁ ପୂର୍ଣ୍ଣ ସୁଯୋଗ ଦେଇନାହାଁନ୍ତି । ମିଶରୀୟମାନେ, ବାବିଲୋନୀୟମାନେ, ମୌଲବିମାନେ, ଆତସଲୀୟ ସମସ୍ତେ ହାମର ଲୋକମାନେ, ଓ ସେମାନେ ମନୁଷ୍ୟ ଜାତିର ମହାନ ଉଦ୍ଭାବକମାନେ ।

ନୈତିକ ଓ ଆତ୍ମିକଭାବେ ତୁମେ କେଉଁ ଦଳର ଅଟ ? ହାମର, ଯେ ଅନ୍ୟର ପାପକୁ ଆନନ୍ଦର ସହ ନେଲା ଓ ଅନ୍ୟମାନଙ୍କ ସହ ସେ ବିଷୟରେ କଥାବା□ କଲା ? ଯେଫତ୍ର ଯେ କେବଳ ସସ୍କୃତି, ଶକ୍ତି ଓ ବୁଦ୍ଧି ଚାହୁଥିଲା ?

ଏାମର ଯାହାଙ୍କର ପୂର୍ବାଧିକାର ଗୁଣ ଥିଲା ପରମେଶ୍ୱର ତାହାର ହୃଦୟରେ, ଚିନ୍ତାରେ ଓ କର୍ମ ସକଳରେ, କଥାରେ ତାହାର "ତମ୍ଭୁ" ରେ ନିଜ ମଧରେ ବାସ କରନ୍ତୁ ? ଆମ ପ୍ରତ୍ୟେକଙ୍କର ଆନ୍ତରିକ ଭାବନା ଓ ବାହ୍ୟ କଥୋପକଥନରେ ପ୍ରତ୍ୟହ ଗଠନମୂଳକ ବା ଭଗ୍ନମୂଳକ ହେବା ନିର୍ଣ୍ଣୟ ନେବାର ସ୍ୱାତନ୍ତ୍ର୍ୟ ରହିଛି । ଯଦି ଆମେ ପରମେଶ୍ୱରଙ୍କ ପ୍ରତି ସମର୍ପିତ ହେବାରେ ନିର୍ଣ୍ଣୟ ନେବା, ସେ ଆମଠାରେ "ଏକ ନିର୍ମଳ ହୃଦୟ ଓ ମନ ସୃଷ୍ଟି କରିବେ । (ଗୀତ ୫୧ :୧୦)

ପରମେଶ୍ୱରଙ୍କ ପ୍ରତି ଆଜ୍ଞାବହତା ଦ୍ୱାରା ଅସମ୍ଭବ ମଧ୍ୟ ସମ୍ଭବ ହୋଇଥାଏ ।

## ପାଠ ଛଅ

ବିଷୟବାକ୍ୟ: ପରମେଶ୍ୱର ଜଗତ ଉପରେ ଏକ ଦ୍ୱିତୀୟ ବିଚାରଦଣ୍ଡ ଆଣିଲେ ।

ଦିନ ୧

ଆଦିପୁସ୍ତକ ୯:୧୮-୨୯, ଓ ହିତୋପଦେଶ ୬:୧୬-୧୯, ପାଠ କର

୧. ଜାହାଜ ମଧ୍ୟରୁ ବାହାରି ଆସିଥିବା ନୋହଙ୍କ ପୁତ୍ରମାନେ କିଏ କିଏ ?
୨. ନୋହ କେଉଁ କର୍ମ କରିବାକୁ ଆରମ୍ଭ କଲେ ଓ ତାଙ୍କର ପତନ କଣ ଥିଲା ?
୩. ହାମ, ଶେମ ଓ ଯେଫତଙ୍କର ଆପଣା ପିତାଙ୍କ ନିଶାଶକ୍ତ ହେବାର ପ୍ରତିକ୍ରିୟା କଣ ଥିଲା ?

ଦିନ ୨

ଆଦିପୁସ୍ତକ ୯:୨୪-୨୯, ହିତୋପଦେଶ ୬:୧୬-୧୯, ପାଠକର

୧. ନୋହ ଆପଣା ପ୍ରତ୍ୟେକ ପୁତ୍ରମାନଙ୍କ ପ୍ରତି ଘୋଷଣା କରିଥିବା ଅଭିଶାପ ଓ ଆଶିର୍ବାଦ ଗୁଡିକର ତାଲିକା କର ।
୨. ଭବିଷ୍ୟତବାଣୀ ଭାବରେ, କେଉଁ ପୁତ୍ରର ପରିବାର ଅନ୍ୟମାନଙ୍କ ଉପରେ ରାଜତ୍ୱ କରିବେ ?
୩. ହିତୋପଦେଶ ୬:୧୬, ରେ ପରମେଶ୍ୱର କଣ ଘୃଣା କରନ୍ତି ?
୪. ଯେତେବେଳେ ତୁମେ ଅନ୍ୟର ଦୁର୍ବଳତା ବା ପତନର ବିଷୟ ଜାଣିବ ତୁମେ କି ପ୍ରତିକ୍ରିୟା କରିବ ?
୫. ତୁମେ କେଉଁପ୍ରକାର ପ୍ରତିକ୍ରିୟା କର ବୋଲି ପରମେଶ୍ୱର ଚାହାଁନ୍ତି ?

ଦିନ ୩

ଆଦିପୁସ୍ତକ ୧୦: ୧-୫, ପାଠକର

୧. ନୋହଙ୍କ ପୁତ୍ରମାନଙ୍କର ବଂଶଧରମାନଙ୍କର ତାଲିକା ପରମେଶ୍ୱର କାହିଁକି ଦେଇଅଛନ୍ତି ?
୨. ତୁମେ ଏହି ଅଧ୍ୟାୟରୁ କୌଣସି ନାମକୁ ଚିହ୍ନଁଟ କରିପାର । ଯାହା ବାଇବଲର ଅନ୍ୟସ୍ଥାନରେ ଅଛି ? (ଆଦିପୁସ୍ତକ ୮:୨୦, ପ୍ରକାଶିକ ୨୦:୮)
୩. ପ୍ରେରିତ ୧୭:୨୭, ଅନୁସାରେ ଏହି ପରିବାର ବର୍ଗ ତଥା ଐତିହାସିକ ସମୟ ଓ ସ୍ଥାନ ଏକ ଦୁର୍ଘଟଣା ଜନିତ ନୁହେଁ ଏହା ଆମେ କିପରି ଜାଣିବା ?
୪. ଏହି ଜାତୀୟଗଣ ଓ ସେଥିର ସିମା ସକଳର ଜ୍ଞାନ (ପ୍ରେରିତ ୧୭ :୧୭), ତୁମର ସମୟ ଓ ଆଜିର ସ୍ଥାନକୁ ସମ୍ପର୍କ କରିବାରେ କିପରି ସାହାର୍ଯ୍ୟ କରିବ ?

ଦିନ ୪

ଆଦିପୁସ୍ତକ ୧୦:୬-୩୨, ପାଠ କର

୧. ଆଦିପୁସ୍ତକ ୧୦:୬-୧୭ ରୁ ନିମ୍ନକ୍ତ ବିଷୟରେ ୩ଟି ସତ୍ୟତା ପ୍ରଦାନ କର ?

୨. ବଳବାନ ବ୍ୟକ୍ତି ହେବା ମଧ୍ଯ ଭଲ କି ?
୩. ତୁମେ କଣ ଭାବ ନିମ୍ରୋଦ ଭଲ ନା ଖରାପ ମନୁଷ୍ୟ ଥିଲା ?
୪. ନୀନୀବି (୧୧ ପଦ) ଯୁନଓ ୧:୧-୨, ବିଷୟରେ ତୁମେ କଣ ବର୍ଣ୍ଣନା କରିପାରିବ ?
୫. ଏହିଠାରୁ ଆମେ କଣ ଶିକ୍ଷା କରିପାରିବା ?
୬. ଆଦିପୁସ୍ତକ ୧୦ ଅଧ୍ୟାୟ ବାଇବଲରେ ମିଶାଯାଇଥିବାକୁ ତୁମେ କଣ ଭାବ ?

ଦିନ ୫

ଆଦିପୁସ୍ତ ୧୧:୧-୯, ପାଠକର

୧. ସେ ସମୟରେ ପୃଥିବୀରେ କେତେ ଭାଷା ଥିଲା ?
୨. ମନୁଷ୍ୟମାନେ ବାବିଲ ଗଡ କାହିଁକି ନିର୍ମାଣ କଲେ, କାରଣ ଗୁଡିକର ତାଲିକା କର ?
୩. ଆଦିପୁସ୍ତକ ୯:୧,୭ ରେ ନୋହଙ୍କ ପୁତ୍ରମାନଙ୍କୁ ପରମେଶ୍ଵର ଦେଇଥିବା ଆଜ୍ଞାକ ଲୋକମାନେ କିପରି ଅବଜ୍ଞା କଲେ ?
୪. ସେହି ଲୋକମାନଙ୍କ ପରି କେଉଁ ପ୍ରକାରେ ଆମ୍ଭେମାନେ ବା ଆଜିର ଆମ ଜଗତ ?
୫. ତୁମେ କୌଣସି ସମୟକୁ କହିପାର କି ଯେତେବେଳେ ତୁମର ଅନାଜ୍ଞାବହତା ତୁମ ଜୀବନରେ ଓ ଅନ୍ୟମାନଙ୍କ ଜୀବନରେ ଦ୍ଵନ୍ଦର କାରଣ ହେଲା ?
୬. ମନୁଷ୍ୟର ଯୋଜନାକୁ ପଣ୍ଡ କରିବାକୁ ପରମେଶ୍ଵର କଣ କଲେ ?
୭. ଆଜି ଆମର ଦୁନିଆରେ ପରମେଶ୍ଵର କିଭଳି ସଶ୍ଲିଷ୍ଟ ଅଟନ୍ତି ?
୮. ସମସ୍ତ ଧର୍ମନୈତିକ ଦଳ, ପୃଥିବୀର ସମସ୍ତ ଜାତି, କେଉଁ ତିନି ଲୋକଙ୍କ ମଧ୍ୟରୁ ଆସିଅଛନ୍ତି ?

ଦିନ ୬

ପାଠ ୬ : "ଜାତି ସମୁହ"

ଶାସ୍ତ୍ରାଂଶ: ଅଧ୍ୟାୟ ୧୦-୧୧:୯

ମୁଖ୍ୟପଦ: ଅଧ୍ୟାୟ ୧୧:୯; ଏ ନିମନ୍ତେ ସେହି ନଗରରର ନାମ ବାବିଲ (ଭେଦ) ହେଲା । ଯେହେତୁ ସଦାପ୍ରଭୁ ସେ ସ୍ଥାନରେ ସମସ୍ତ ପୃଥିବୀର ଭାଷାଭେଦ ଜନ୍ମାଇଲେ, ପୁଣି ସେ ସ୍ଥାନରୁ ସେମାନଙ୍କୁ ସମୁଦାୟ ପୃଥିବୀରେ ଛିନ୍ନଭିନ୍ନ କଲେ ।

ବିଷୟ ବାକ୍ୟ : ପରମେଶ୍ଵର ପୃଥିବୀ ଉପରେ ଦ୍ଵିତୀୟ ବିଚାର ଦଣ୍ଡ ଘୋଷଣା କଲେ ।

ଜୀବନ ପ୍ରଣାଳୀ : ସମସ୍ତ ଲୋକ ଓ ସମସ୍ତ ଜାତି ଉପରେ ପରମେଶ୍ଵର ସାର୍ବଭୌମ ଅଟନ୍ତି ଓ ତାହାଙ୍କ ନ୍ୟାୟବିଚାର ସବୁ ଉତମ ଓ ଠିକ୍ ଅଟେ ।

ସାରାଂଶ : ୧୦ ଅଧ୍ୟାୟରେ ପରମେଶ୍ୱର ଇତିହାସର ଧାରାକୁ ସଂକିର୍ଣ୍ଣ କରି ଶେମର ବଂଶକୁ ଆଣିଲେ।୧୧ ଅଧ୍ୟାୟରେ ପୁନର୍ବାର ସେ ସଂକିର୍ଣ୍ଣ କରି ଏକ ବ୍ୟକ୍ତି ଅବ୍ରହାମକୁ ଆଣିଲେ। ଅବ୍ରହାମଙ୍କୁ କେନ୍ଦ୍ରକରି ପରମେଶ୍ୱର ତାହାର ସକଳ ବଂଶଧରକୁ ଉଭୟ ଶାରରୀକ ଓ ଆତ୍ମିକ ଭାବେ ବିସ୍ତାର କଲେ। ଏହି ପରିବାର, ଯିହୁଦୀ ଜାତି ପୁରାତନ ନିୟମ ଅଧିକନ୍ତୁ ନୂତନ ନିୟମ ଧର୍ମଶାସ୍ତ୍ରର ଲକ୍ଷ୍ୟ ବିଷୟ। ନୋହଙ୍କ ବଂଶଧର ଭାବେ ସେମାନଙ୍କର ନାମ ଓ ଭୌଗଳିକ ସ୍ଥିତିକୁ ତାଲିକା କରାଗଲା ଯାହା ବାଇବଲକୁ ଓ ଇତିହାସକୁ ବୁଝିବାପାଇଁ ଆମେ ଚାହୁଁତାକୁ ଅତି ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ହୁଏ।

ଆଦିପୁସ୍ତକ ୧୧ ଅଧ୍ୟାୟ ପ୍ରଥମ ନଅ ପଦ ସମସ୍ତ ମାନବ ଜାତି ପ୍ରତି ଦ୍ୱିତୀୟ ବିଚାର ଦଣ୍ଡ ବିଷୟ ଉଲ୍ଲେଖ କରେ। ସେମାନେ ସିନୟର ପ୍ରାନ୍ତରରେ ବସତି କଲେ (୧୧:୨), ମଧ୍ୟ ଫରାତ ନଦୀ ଓ ଟାଇଗ୍ରିସ ନଦୀ ମଧ୍ୟ ଭାଗରେ ବାବିଲ ପ୍ରାନ୍ତର ବୋଲି ଜଣାଯାଏ। ଆଜି ଏହା ପାରସ୍ୟ ଭୂମଧ୍ୟ ଖାଡ଼ି ଅ□ଳ ଭାବେ ଜଣା ଲୋକମାନେ ତାହାଙ୍କ ପୂର୍ବ ପୁରୁଷ ନୋହଙ୍କ ବିଶ୍ୱାସ ତ୍ୟାଗ କରିଥିଲେ। ଜଳପ୍ଳାବନ ସତର୍କତାକୁ ହୃଦୟ ମଧ୍ୟକୁ ନେବା ପରିବର୍ତ୍ତେ ଲୋକମାନେ ଏକତ୍ର ପରମେଶ୍ୱର ଓ ତାହାଙ୍କ ଆଦେଶ ବିରୁଦ୍ଧରେ ଆସିଲେ। ପ୍ରଥମେ ଆମେ ଦେଖୁ, ମନୁଷ୍ୟର ଗର୍ବ ଯେବେ ସେମାନେ ପରସ୍ପର ସଙ୍ଗଠିତ ହେବାକୁ ପ୍ରୟାସ କଲେ ଓ ପରମେଶ୍ୱରଙ୍କ ଆଜ୍ଞା ଜଗତକୁ ପୂର୍ଣ୍ଣ କରିବା ହେୟଜ୍ଞାନେ କଲେ। ଦ୍ୱିତୀୟରେ ଆମେ ଦେଖୁ, ସେମାନଙ୍କ ଗର୍ବ ଓ ପରମେଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ ସେମାନଙ୍କ ନାମ ରକ୍ଷାର୍ଥେ "ଗଗନସ୍ପର୍ଶୀ ଏକ ବିରାଟ ଗଡ" ନିର୍ମାଣ କରିବା। ଏହା ଆତ୍ମ ପ୍ରସଂଶା, ପରମେଶ୍ୱରଙ୍କ ପ୍ରସଂଶା ଓ ଗୌରବର ପ୍ରକ୍ଷତ୍ୟ ବିରୋଧ ଅଟେ। ଏହାହିଁ ସେହି ଗର୍ବ ଯାହା ଶୟତାନ ପରମେଶ୍ୱଙ୍କ ବିରୁଦ୍ଧରେ ବିଦ୍ରୋହ ଓ ସେହି ସମାନ ଗର୍ବ ଯାହା ଆଦମ ଓ ହବାକୁ ଫଳ ଖାଇବାକୁ ଓ ପରମେଶ୍ୱରଙ୍କ ପରି ହେବ ପ୍ରବର୍ତ୍ତାଇଲା। ମାତ୍ର ଯେପରି ଜଳପ୍ଳାବନ ସମୟରେ ପରମେଶ୍ୱର ହସ୍ତକ୍ଷେପ କଲେ, ସେ ମଧ୍ୟ ବାବିଲ ଗଡ ନିର୍ମାଣ ସମୟରେ ହସ୍ତ କ୍ଷେପ କରି ବିଶ୍ୱବ୍ୟାପୀ ଦୁଷ୍ଟତାର  ପତନରୁ ରକ୍ଷାକଲେ। ସେ ସେମାନଙ୍କୁ ନମ୍ର କଲେ ଓ ଭାଷାରେ ଭେଦ ଆଣି ସେମାନଙ୍କ ଯୋଜନାକୁ ପଣ୍ଡ କଲେ।

ବାବିଲରେ ଲୋକମାନେ "ନିଜ ନାମ ରକ୍ଷଣାର୍ଥେ" ଚାହିଁଲେ ମାତ୍ର ପରମେଶ୍ୱର ସେମାନଙ୍କୁ ଛିନ୍ନ ଭିନ୍ନ କଲେ ଓ ବିଭିନ୍ନ ଜାତି ଓ ଭାଷାରେ ସେମାନଙ୍କୁ ବିଭକ୍ତ କଲେ।

ଚତୁଃପାର୍ଶ୍ୱକୁ ଦୃଷ୍ଟି କରି ଆମେ ଦେଖିପାରିବା ଯେ ଉଭୟ ବ୍ୟକ୍ତିଗତ ଓ ଜାତିସମୂହ ମଧ୍ୟରେ ସମାନ ପ୍ରକାର ମନଭାବନା ଅଛି। ଅନେକ ଅହଙ୍କାର ଓ ଗର୍ବ ଯାହା ପରମେଶ୍ୱରଙ୍କୁ ବିରୋଧ ଜନ୍ମାଏ ସେଥିରେ ପତିତ ହୋଇଛନ୍ତି। ଆମେ ଦେଖୁ ଜାତୀସମୁହ ସେମାନଙ୍କ ଶକ୍ତିର ଦମ୍ଭ ଦେଖାନ୍ତି, ଯାନ୍ତ୍ରିକ ଜ୍ଞାନ ସଫଳତା ଓ ବିଜ୍ଞାନର ସଫଳତା ଉପରେ ଦମ୍ଭ ଓ ଗର୍ବରେ ଜ୍ଞାନବାନ ହୋଇଛନ୍ତି ବୋଲି ଦାବି କରନ୍ତି ଯାହା ପରମେଶ୍ୱରଙ୍କ ବିରୁଦ୍ଧାଚାର ହୁଏ, ଆମ ହୃଦୟ ଭିତର କଣ ଅଛି କେବଳ ପରମେଶ୍ୱର ଜାଣନ୍ତି। ଏପରି କି ଆମର ଧର୍ମନୀତି ଯେପରି ଆମେ କରିଥାଉ ଉତମ କର୍ମ, ରୀତିନୀତି, ଏପରିକି ମଣ୍ଡଳି ଯୋଗଦାନ, ହୋଇପାରେ ପରମେଶ୍ୱରଙ୍କ ଓ ମନୁଷ୍ୟମାନଙ୍କ ସହାନୁଭୂତି ପ୍ରାପ୍ତ କରିବାକୁ ଚେଷ୍ଟା କରିଥାଉ। କାହାର ସହମତି ମନୁଷ୍ୟ ବା ପରମେଶ୍ୱରଙ୍କ କେଉଁଟି ଅତି ଜରୁରୀ।

ବାବିଲର ନ୍ୟାୟବିଚାର ପରେ, ପରମେଶ୍ୱର ମନୁଷ୍ୟ ଜାତିକୁ ଉଦ୍ଧାର କରିବାର ଯୋଜନା ପ୍ରକାଶ କରିବାକୁ ଲାଗିଲେ। ସେ ଶେମର ବଂଶରୁ ଏକ ବ୍ୟକ୍ତି ଅବ୍ରହାମକୁ ବାଛିଲେ। ଅବ୍ରହାମ ପରିବାରରୁ ଇସ୍ରାଏଲ ଜାତିକୁ, ପରମେଶ୍ୱର ରକ୍ଷା କରି ଓ ନିଜକୁ ପ୍ରକାଶ ଓ ତାହାଙ୍କ ସମ୍ବାଦ ସମସ୍ତ ଜାତି ସମୁହକୁ କହି ଘୋଷଣା କରିବାକୁ ଲାଗିଲେ। ଏହା ଏବ୍ରୀୟ ଶାସ୍ତ୍ର ଦେଇ ଆସିଲା ଓ ପୁରାତନ ଯୁଗରୁ ଅବ୍ରହାମଙ୍କ ପରିବାର, ଯିହୁଦୀ ଲୋକମାନଙ୍କ ଦେଇ ସୁରକ୍ଷା କଲେ।

ସମସ୍ତ ଲୋକ ଓ ଜାତିମାନଙ୍କ ଉପରେ ପରମେଶ୍ୱର ସାର୍ବଭୌମ ଅଟନ୍ତି ଓ ତାହାଙ୍କ ନ୍ୟାୟ ବିଚାର ଉତମ ଓ ସଠିକ୍ ଅଟେ।



## ପାଠ ସାତ

ବିଷୟ ବାକ୍ୟ : ପରମେଶ୍ୱର ଅବ୍ରହାମକୁ ଡାକିଲେ।

ଦିନ ୧

ଆଦିପୁସ୍ତକ ୧୨:୨୭-୩୨ ପାଠକର

୧. ଅବ୍ରହାମଙ୍କ ପିତା କିଏ ଅଟନ୍ତି ?

୨. ଅବ୍ରହାମଙ୍କ ଭାଇଙ୍କର ନାମ କଣ ?

୩. ଅବ୍ରହାମଙ୍କ ସ୍ତ୍ରୀଙ୍କର ନାମ କଣ ଓ ଧର୍ମଶାସ୍ତ୍ରର ଏହି ଅଂଶ ଆମକୁ ତାହାଙ୍କ ବିଷୟରେ କଣ କୁହେ ?

୪. ସେମାନେ କେଉଁଆଡକୁ ଯାଉଥିଲେ ଓ କେତେ ଦୂର ସଫଳ ହେଲେ ?

ଦିନ ୨

ଆଦିପୁସ୍ତକ ୧୨:୧-୩, ପାଠକର

୧. ଯେତେବେଳେ ଅବ୍ରହାମ ପରମେଶ୍ୱରଙ୍କ ଆହ୍ୱାନର ବାଧହେଲେ ଓ ପଛରେ କଣ ଛାଡି ଆସିଲେ ?

୨. ଅବ୍ରହମଙ୍କ ଆହ୍ୱାନରେ କେଉଁ ସବୁ ଉତ୍ସାହକାରୀ ପ୍ରତିଜ୍ଞାମାନ ପାଉ (ଆଦିପୁସ୍ତକ ୧୨:୨,୩)

୩. ଗାଲାତୀୟ ୩:୮-୯, ଆଜି ଆମମାନଙ୍କ ପ୍ରତି କିପରି ଲାଗୁ ହୁଏ ?

୪. ପ୍ରତ୍ୟେକ ଶାସ୍ତ୍ରାଂଶକୁ ଦେଖ, ପରମେଶ୍ୱରଙ୍କ ଆହ୍ୱାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରଭାବ ପକାଇଲା, ଯେଉଁମାନେ ପରମେଶ୍ୱରଙ୍କଠାରେ ନିଜକୁ ସମର୍ପଣ କଲେ, ଲେଖ

କ. ମାଥିଉ ୪:୧୮-୨୨

ଖ. ମାଥିଉ ୮:୨୨

ଗ ମାର୍କ ୮:୩୪-୩୬

ଘ ଲୁକ ୧୪ : ୨୬-୩୩

ଙ ୧ ପିତର ୨ :୯ ।। ଯୋହନ ୨ :୧୫-୧୭

୫. ଏବ୍ରୀ ୧୧ :୧ , ୮-୧୦ , ଅନୁସାରେ ଅବ୍ରହାମ ପରମେଶ୍ୱରଙ୍କ ଆଜ୍ଞାକାରୀ ହେଲେ କାହିଁକି ?

କ. ସେହି ସମାନ ପ୍ରକାର ଅନୁଭୂତି କହିପାରିବେ କି ଯେତେବେଳେ ତୁମେ ପରମେଶ୍ୱରଙ୍କ ଆହ୍ୱାନକୁ ସ୍ୱୀକାର କଲ ?

୨. ଯେତେବେଳେ ଆମେ ଆଜ୍ଞାବହ ହେଉ କେଉଁ ପ୍ରତିଜ୍ଞା ଆମେ ପାଉ ?

ଦିନ ୩

ଆଦିପୁସ୍ତକ ୧୨ :୪-୭ ପାଠ କର

୧. ଅବ୍ରହାମଙ୍କୁ  ହାରଣ ଛାଡିବା ବେଳକୁ ତାଙ୍କୁ କେତେ ବୟସ ହୋଇଥିଲା ? ଆଦିପୁସ୍ତକ ୨୫ :୭ , ଯାହା ତୁମେ ପାଠ କର ତୁଳନା କର , ସେ ଯୁବା , ମଧ୍ୟ ବୟସ୍କ ବା ବୃଦ୍ଧ ଥିଲେ ?

୨. କେଉଁ ଶବ୍ଦ କୋଷ ବା ପଦ ଆମକୁ ଦର୍ଶାଏ କି ଅବ୍ରହାମ ଆଜ୍ଞାଧିନ ହେବାରେ ତାଙ୍କର ସମସ୍ତ ତ୍ୟାଗ କଲେ (ଆଦି୧୨ :୧-୯ ଓ ରୋମୀୟ ୧୦ :୧୧)

୩. ଅବ୍ରହାମ ଆପଣା ସହ କାହାକୁ ନେଲେ ?

୪. କିଣାନରେ ପହ□ଲାପରେ ଅବ୍ରହାମକୁ ପରମେଶ୍ୱର କେଉଁ ପ୍ରତିଜ୍ଞା ଦେଲେ ।

୨. କେଉଁ ଶବ୍ଦ କୋଷ ବା ପଦ ଆମକୁ ଦର୍ଶାଏ କି ଅବ୍ରହାମ ଆଜ୍ଞାଧିନ ହେବାର ତାଙ୍କର ସମସ୍ତ ତ୍ୟାଗ କଲେ (ଆଦି ୧୨ :୧-୯ ଓ ରୋମୀୟ ୧୦-୧୧)

୩. କିଣାନରେ ପହ□ଲାପରେ ଅବ୍ରହାମକୁ ପରମେଶ୍ୱର କେଉଁ ପ୍ରତିଜ୍ଞା ଦେଲେ ।

ଦିନ୪

ଆଦିପୁସ୍ତକ ୧୨ :୮-୯ , ପାଠକର

୧. ନୋହ ଯେପରି ଆଦିପୁସ୍ତକ ୮ :୨୦ କଲେ ଅବ୍ରହାମ କିପରି ଗ୍ରହଣ କଲେ ?

୨. ଅବ୍ରହାମଙ୍କ ପରି ଆଜ୍ଞାବହ ହୋଇ ତୁମେ ଯେବେ ଖ୍ରୀଷ୍ଟଙ୍କର ଅନୁଗମନ କରିଛ , ତୁମର କେତେକ ଅନୁଭୂତିକୁ ଲେଖ ।

ଆଦିପୁସ୍ତକ ୧୨ :୯ କୁହେ ଅବ୍ରହାମ ଆଜ୍ଞାବହ ହେଲେ ଓ ନିରନ୍ତର କଲେ,ତ୍ୟାଗ କଲେ ନାହିଁ ।

ନିମ୍ନୋକ୍ତ ପଦଗୁଡିକ ଅନୁସାରେ ଆମ୍ଭେମାନେ ଖ୍ରୀଷ୍ଟିଆନ ଭାବେ କିପରି ଆଗକୁ ବଢିଚାଲିବା ?

କ. କଲସୀୟ ୧ :୨୩

ଖ. କଲସୀୟ ୨:୬-୭

ଗ. ଏବ୍ରୀ ୬:୧

ଘ. ଏବ୍ରୀ ୧୦:୩୫-୩୮

ଙ. ପିତର ୨:୨

ଦିନ ୫

ଆଦିପୁସ୍ତକ ୧୨:୧୦-୨୦, ପାଠ କର

୧. ଯେତେବେଳେ ଦୁର୍ଭିକ୍ଷ ଆସିଲା ତୁମେ ଭାବୁଛ କି ଅବ୍ରହାମ ପରମେଶ୍ୱରଙ୍କ ମାର୍ଗଦର୍ଶନ ଖୋଜିଲେ କି ?

ନା ନିଜସ୍ୱ ସାଧାରଣ ଜ୍ଞାନରେ କାମ କଲେ ?

୨. ପଦ ୧୧-୧୩ରେ ଅବ୍ରହାମଙ୍କ ନିର୍ଣ୍ଣୟରେ କଣ ଅନୁପ୍ରାଣିତ କଲା ?

 କ. ତାହାର ପାପ କଣ ଥିଲା ?

ଖ. ସେହି ପାପ ନକାରାତ୍ମକ ଭାବେ ଅନ୍ୟମାନଙ୍କୁ ପ୍ରଭାବିତ କଲା ?

ଗ. ଅବ୍ରହାମ ପ୍ରତି ପରମେଶ୍ୱରଙ୍କ ଦୟା ତୁମେ କେଉଁଠାରେ ଦେଖ ?

୩. ଆଦିପୁସ୍ତକ ୧୩:୧-୪ ପାଠକର । କୌଣସି ଆତ୍ମିକ ଶିକ୍ଷା ଅନୁସରଣ କରିବାକୁ ପାର କି ?

ଦିନ ୬ୟ

ପାଠ ୭ "ଅବ୍ରହାମଙ୍କ ନିୟମ"

ଶାସ୍ତ୍ରାଂଶ: ଅଧ୍ୟାୟ ୧୧:୨୭-୩୨ ଓ୧୨

ମୁଖ୍ୟପଦ: ଅଧ୍ୟାୟ ୧୨:୨ ଆମ୍ଭେ ତୁମ୍ଭଠାରୁ ଏକ ମହାଗୋଷ୍ଠୀ ଉତ୍ପନ୍ନ କରିବା ପୁଣି ଆମ୍ଭେ ତୁମ୍ଭକୁ ଆଶିର୍ବାଦ କରି ତୁମ୍ଭର ନାମ ମହତ କରିବା ତୁମ୍ଭେ ଆଶିର୍ବାଦର ଆକର ହେବ ।

ବିଷୟ ବାକ୍ୟ : ପରମେଶ୍ୱର ଅବ୍ରହାମଙ୍କ ସହିତ ଏକ ନିସର୍ତ ନିୟମର ପ୍ରାରମ୍ଭ କଲେ, ତାହା ସ୍ଥାନ, ଲୋକ ଓ ସମସ୍ତ ଜାତି ପାଇଁ ମହାନ ଆଶିର୍ବାଦ ସଶ୍ଳିଷ୍ଟ ଅଟେ ।

ଜୀବନ ପ୍ରଣାଳୀ : ପରମେଶ୍ୱଙ୍କୁ ଯେଉଁମାନେ ବିଶ୍ୱାସ କରିବାକୁ ଓ ଆଜ୍ଞାନବହ ହୋଇ ଅନୁଗମନ କରିବାକୁ ଚାହାଁନ୍ତି ସେହିମାନଙ୍କୁ ଆଶିର୍ବାଦ କରନ୍ତି ।

ଅବ୍ରହାମ ବିଶ୍ୱାସ  ପାଇଁ ପରମେଶ୍ୱରଙ୍କ ଦ୍ୱାରା ବଛା ହେଲେ । ସେ ସମସ୍ତ ପରିଚିତ ବିଷୟ ତ୍ୟାଗକରି ଓ ଏକ ଅଜଣା ସ୍ଥାନରେ ବିଦେଶୀ ଭାବେ ଯାଇ ବାସ କରିବାକୁ ଡକା ହେଲେ । ଅବ୍ରହାମ ଯେତେବେଳେ ବିଶ୍ୱାସ ଦ୍ୱାରା ଆସିଲେ, ପରମେଶ୍ୱରଙ୍କ କଥା ଯେ ସତ୍ୟ, ସେ ଯେ ଭରସା ଯୋଗ୍ୟ ଓ ସେ ଆପଣା ପ୍ରତିଜ୍ଞା ରକ୍ଷା କରିବାକୁ ବିଶ୍ୱସ୍ତ ଜାଣିଲେ । ଏହି ପୃଥିବୀରେ ଗମନାଗମନ କରି ଅବ୍ରହାମ ଅନେକ ଶିକ୍ଷା ଲାଭ କଲେ ତାହା ଆଜିମଧ୍ଧ ଆମମାନଙ୍କର ଶିକ୍ଷୟଣୀୟ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ହୋଇପାରେ ଯେ ବିଶ୍ୱାସରେ ସତ୍ୟର ଆଜ୍ଞାକାରୀତା ବା କେବଳ ବିଶ୍ୱାସ ନୁହେଁ । ଏହାକୁ ପରେ ଯାକୁବଙ୍କ ପୁତ୍ର ଅଧ୍ୟୟନରେ ଦେଖିବା । ଏକ ବିଶ୍ୱାସୀର ଜୀବନ ଖ୍ରୀଷ୍ଟଙ୍କ ପ୍ରାଚୁର୍ଯ୍ୟତା ଉପରେ କେବଳ ନିର୍ଭର । ମିସରରେ ଅବ୍ରହାମଙ୍କ ବିଫଳତାରେ ସେ ଶିକ୍ଷା କଲେ ଯେ ମନୁଷ୍ୟର ସମସ୍ତ ଆବଶ୍ୟକତା ପାଇଁ ପରମେଶ୍ୱର ଯଥେଷ୍ଟ ଅଟନ୍ତି । ଅନ୍ୟ ଏକ ଶିକ୍ଷା ପରମେଶ୍ୱରଙ୍କ ସହ ସହଭାଗିତା ଜଗତର କୌଣସି ବିପରିତ ସମସ୍ୟାର ସହ୍ୟ କରିବା ପାଇଁ ପ୍ରସ୍ତୁତ କରେ । ଅବ୍ରହାମ ମିସର ଯିବା ଯାହା ଶତୃମାନଙ୍କ ଦ୍ୱାରା ଅଧିକୃତ ଏକ ସ୍ଥାନ ସେଠାରେ  କୌଣସି ତମ୍ଭୁ ବା ବେଦୀର ଉଲେଖ ନାହିଁ । ବେଦୀ ପରମେଶ୍ୱରଙ୍କ ସହ ସହଭାଗିତାର ଏକ ଚିହ୍ନ । ଆମେମାନେ ଏକ ଦେବୀ ରଖିବା ପାଇଁ ପରମେଶ୍ୱରଙ୍କ ସହ ବ୍ୟକ୍ତିଗତ ନିରୋଳାସମସୟ ଏହି ଜଗତରେ ସହ୍ୟ କରିବା ପାଇଁ ଏକ ବେଦୀ ହେବା ଆବଶ୍ୟକ । ଯୋହନ ୧୬:୩୩ରେ ଯୀଶୁ କହନ୍ତି "ଜଗତରେ ତୁମ୍ଭମାନଙ୍କ ନିମନ୍ତେ କ୍ଳେଶ ଅଛି, କିନ୍ତୁ ସାହସ ଧର, ମୁଁ ଜଗତକୁ ଜୟ କରିଅଛି । ଯେତେବେଳେ ଆମେ ଆମ ସ୍ୱର୍ଗିୟ ପିତାଙ୍କ ସହ ଲାଗି ରହିବା ଓ ସେ ଚଳାଇବେ ଅବ୍ରହାମଙ୍କ ପରି ପରମେଶ୍ୱରଙ୍କ ପ୍ରତିଜ୍ଞା ବିଶ୍ୱାସରେ ଦୃଢ଼ ଅନୁଭବ କରିପାରିବା ।

ଅବ୍ରହାମ ପରମେଶ୍ୱରଙ୍କ ଏକ ବନ୍ଧୁ ହେଲେ ଓ ସେ ବିଶ୍ୱାସୀ ମାନଙ୍କର ପିତା ବୋଲି ଖ୍ୟାତ ହେଲେ (ଗାଲାତୀ ୩) ସେ ଶିକ୍ଷାକଲେ ଯେ ପରମେଶ୍ୱର ତାହାଙ୍କ ପ୍ରତିଜ୍ଞା ରକ୍ଷା କରିବାକୁ ଆମର ସାହାଯ୍ୟ ଲୋଡା ନାହିଁ । ଯଦି ଆମେ ଜାଣିବା ପରମେଶ୍ୱର ଚଳାନ୍ତି, ଆମକୁ ଆଗକୁ ଚାହିଁବାର ନାହିଁ । ଯେବେ ଆମେ ଆଜ୍ଞାବହ ହୋଇ ପାଦ କାଢନ୍ତି, ବିଶ୍ୱାସରେ ଚାଲନ୍ତି, ପରବର୍ତି ପଦକ୍ଷେପ ପାଇଁ ପରମେଶ୍ୱର ଆପଣା ଅନୁଗ୍ରହ ଓ ଆଶିର୍ବାଦ ପ୍ରଦାନ କରନ୍ତି । ଆମେ ବିଶ୍ୱାସରେ ତାହାଙ୍କ ଅନୁଗମନ କରିବାକୁ ବାଛିବା କି ? ଆମର ଆହ୍ୱାନ ପ୍ରତି ବିଶ୍ୱସ୍ତ ଆମ୍ଭମାନଙ୍କ ସମୟରେ ହେବା କି ଯେପରି ଅବ୍ରହାମ ତାହାଙ୍କ ସମୟରେ ହୋଇଥିଲେ ?

ପରମେଶ୍ୱରଙ୍କ ପ୍ରତି ଆଜ୍ଞାବହତା ସ୍ୱର୍ଗିୟ ପୁରସ୍କାର ପାଇଁ ଦ୍ୱାର ବିସ୍ତିର୍ଣ୍ଣଭାବେ ଖୋଲା ହୋଇଯାଏ ।